## ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା




**ବାରିପଦା, ୨୧।୨(ସମିସ):** ମୁର୍ଗାବାଡି ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଦୁଇଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ପ୍ରମୋଦ କୁମାର ଡାକୁଆ ଗୁରୁ-ଛାତ୍ରଛାତ୍ରୀଙ୍କ ପାଇଁ କ୍ରୀଡାର ଆବଶ୍ୟକତା ଏବଂ ଏକ ସୁସ୍ଥ, ସୌହାର୍ଦ୍ଦ୍ୟପୂର୍ଣ୍ଣ ତଥା ଖେଳୁଆଡ ମନୋଭାବ ନେଇ କ୍ରୀଡାରେ ଅଂଶ ଗ୍ରହଣ କରିବା ପାଇଁ ଗୁରୁ ମନ୍ତ୍ରଣା ଦେଇଥିଲେ। ଅନୁଷ୍ଠାନର ପୂର୍ବତନ ଅଧକ୍ଷ ଅନାଦି ଚରଣ ବିନ୍ଧାଣୀ ଏକ ସୁସ୍ଥ ଶରୀରରେ ଏକ ସୁସ୍ଥ ମନ ଅବସ୍ଥିତି ଓ ପ୍ରତିଯୋଗିତାରେ ସମସ୍ତ ଗୁରୁଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ଉପରେ ଆଲୋକପାତ କରିଥିଲେ। ଶାରୀରିକ ଶିକ୍ଷା ପ୍ରଶିକ୍ଷିକା ଚାନ୍ଦିନୀ ଖାତୁନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଉଦଘାଟନ କରାଯାଇଥିଲା। ଶିକ୍ଷକ ପ୍ରଶିକ୍ଷକ ଭବେଶ ଚନ୍ଦ୍ର ଦେହୁରୀ ଅତିଥି ପରିଚୟ ଓ କ୍ରୀଡ଼ାର ନିୟମାବଳୀ ବିଷୟରେ ପ୍ରତିଯୋଗୀଙ୍କୁ ଅବଗତ କରିଥିଲେ। ଏଥିରେ ମୋଟ୍ ୨୧ଟି ଖେଳର ଆୟୋଜନ ହୋଇଥିଲା। ବାଳକ ବିଭାଗରେ ଜୀବନଜ୍ୟୋତି ହାଁସଦା (ଦ୍ୱିତୀୟ ବର୍ଷ) ଚାମ୍ପିଅନ, ବାଳିକା ବିଭାଗରେ ସୁପ୍ରୀତି ଖୁଣ୍ଟିଆ (ପ୍ରଥମ ବର୍ଷ) ଚାମ୍ପିଅନ, ପୁରୁଷ ବିଭାଗ କ୍ରିକେଟରେ ପ୍ରଥମ ବର୍ଷର ଗୁରୁଛାତ୍ରମାନେ ଚାମ୍ପିଅନ, ମହିଳା ବିଭାଗ କ୍ରିକେଟରେ ଦ୍ୱିତୀୟ ବର୍ଷର ଗୁରୁଛାତ୍ରୀମାନେ ଚାମ୍ପିଅନ, ପୁରୁଷ ବିଭାଗ ବ୍ୟାଡ୍‌ମିଣ୍ଟନରେ କାଳୀଚରଣ ବାସ୍କେ (ବିଜେତା), ହେମନ୍ତ କୁମାର ସି (ଉପବିଜେତା), ବ୍ୟାଡମିଣ୍ଟନ ମହିଳା ବିଭାଗରେ ସ୍ମୃତି ସାଗରିକା ମଣ୍ଡଳ (ବିଜେତା) ଓ ପାନେଶ୍ୱରୀ ହାଁସଦା (ଉପବିଜେତା) ଭାବେ ପୁରସ୍କୃତ ହୋଇଛନ୍ତି। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରତିଯୋଗିତା ଉଦଯାପିତ ହୋଇଥିଲା।

## ବସନ୍ତ ଶତପଥୀ ସାହିତ୍ୟ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା



**ବାରିପଦା, ୨୧।୨(ସମିସ):** ବସନ୍ତ ଶତପଥୀ ସାହିତ୍ୟ ସଂଗଠନ ପକ୍ଷରୁ କଥାକାର ବସନ୍ତ ଶତପଥୀଙ୍କ ୩୧ତମ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଶ୍ରୀମା' ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଆବସରପ୍ରାପ୍ତ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଡକ୍ଟର ସୁଶାନ୍ତ କୁମାର ବଶାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରବୋଧ କୁମାର ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଶ୍ରୀମା' ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର କୁଞ୍ଜବନ ପୃଷ୍ଟି ଯୋଗଦେଇ ବସନ୍ତ ଶତପଥୀଙ୍କ ସାହିତ୍ୟର ବହୁମୁଖୀ ଦିଗ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସଂଗଠନର ଉପ-ସଭାପତି ଗଡ଼ିଆ ଆଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାମଲ ବସନ୍ତ ଶତପଥୀଙ୍କ 'ବେଳା' ପରିଗଳ୍ପକୁ ସମୀକ୍ଷା କରିଥିଲେ। ସଙ୍ଗଠନର ସମ୍ପାଦକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡକ୍ଟର ବିଚିତ୍ରନାଥ ସାହୁ କଥାଶିଳ୍ପୀ ବସନ୍ତ କୁମାର ଶତପଥୀଙ୍କ ଗଳ୍ପ ଗୁନ୍ଥନ ଶୈଳୀ ଓ ପାଠକ ସମାଜ ଉପରେ ତାର ପ୍ରଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉଦଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ରବୀନ୍ଦ୍ର କୁମାର ଶତପଥୀ ବସନ୍ତ ଶତପଥୀଙ୍କ ଗାଳ୍ପିକ ପ୍ରତିଭାର ଉତ୍ସ ଓ କାରଣ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରସିଂହ ବାରିକ୍, ଅଶୋକ ପଲେଇ, ସୁଶାନ୍ତ ମିଶ୍ର, ଭୀମସେନ ମହାକୁଡ଼, ସଂଗଠନର କୋଷାଧ୍ୟକ୍ଷ ଦୋଳଗୋବିନ୍ଦ ମହାନ୍ତ, ଡକ୍ଟର ଭକ୍ତହରି ମହାନ୍ତ, ଡକ୍ଟର ସଞ୍ଜୀବ ପାଣିଗ୍ରାହୀ, ପ୍ରଭାତ ମିଶ୍ର, ଭାଗବତ ପଣ୍ଡା, ସତ୍ୟାନନ୍ଦ ଶେଜପଡ଼ା, ଅନ୍ନଦାଶଙ୍କର ଦାସ ଅଂଶ ଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ପଲେଇ ପରିଚାଳନା କଲାବେଳେ ଶେଷରେ ସଂଗଠନର ସହ-ସମ୍ପାଦକ ଶଙ୍କର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ସଂହତି ଶିବିରରେ ଯୋଗଦେଲେ ସ୍ୱେଚ୍ଛାସେବୀ

**ବାରିପଦା, ୨୧।୨(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ରାଷ୍ଟ୍ରୀୟ ସଂହତି ଶିବିରରେ ଯୋଗ ଦେଇଛନ୍ତି। ଜାତୀୟ ସେବା ଯୋଜନା ବ୍ୟୁରୋ ଦ୍ୱାରା ଗଠିତ ଏକ ଦଳ ଭୁବନେଶ୍ୱର ସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ୭ଦିନିଆ ରାଷ୍ଟ୍ରୀୟ ସଂହତି ଶିବିରରେ ଯୋଗ ଦେଇଛନ୍ତି। ଏହି ଶିବିର ଫେବୃଆରୀ ୨୧ରୁ ୨୭ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ ଶିବିରରେ ଯୋଗଦେବା ପାଇଁ ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ ଏବଂ ସ୍ୱେଚ୍ଛାସେବୀ ରିଙ୍କୁ ଦାସଙ୍କ ଉପସ୍ଥିତିରେ ଟିମ୍ ଗସ୍ତ କରିଛନ୍ତି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତରଫରୁ ନଳଗଜାର ଉପେନ୍ଦ୍ରନାଥ ମହାବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଔରୋ ପ୍ରସାଦ ପରିଡ଼ାଙ୍କ ନେତୃତ୍ୱରେ କୁମାର ପି ଜ୍ୟୋତିର୍ମୟ ଦାସ, ଉଦିତ ମହାନ୍ତ, ଶିବ ନାରାୟଣ ହାଁସଦା, ପ୍ରିୟଙ୍କା ଧଳ, ଲିପ୍ସା ଦାସ, ମଧୁସ୍ମିତା ମହାପାତ୍ର, ମୋନାଲିସା ବେଜ ଓ ସ୍ୱର୍ଣ୍ଣଲକ୍ଷ୍ମୀ ମହାରଣା ଟିମରେ ରହିଛନ୍ତି। ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଡଃ ବସନ୍ତ କୁମାର ମହାନ୍ତ ଶୁଭେଚ୍ଛା ଜଣାଇଛନ୍ତି।

### ମୟୂରଭଞ୍ଜ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ୫୦୭ ଡାକ୍ତରୀ ପଦ ଖାଲି; ଜନପ୍ରତିନିଧି ଚୁପ୍



**ବାରିପଦା, ୨୧।୨(ସମିସ)**

ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାକୁ ସ୍ୱାସ୍ଥ୍ୟସେବାକୁ ନେଇ ବାରମ୍ବାର ଉପେକ୍ଷା କରାଯାଉଛି। ଫଳରେ ଜିଲ୍ଲାରେ ସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏପରି ସ୍ଥଳେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବେ ଏମବିବିଏସ ଡାକ୍ତର ନିଯୁକ୍ତି ପ୍ରକ୍ରିୟାରୁ ମୟୂରଭଞ୍ଜ ଜିଲ୍ଲାକୁ ବାଦ କରାଯାଇଥିବାରୁ ଜିଲ୍ଲାରେ ଅସନ୍ତୋଷ ତେଜିବାରେ ଲାଗିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଚଳିତ ବର୍ଷ ରାଜ୍ୟରେ ଖାଲିଥିବା ୫୨୪୮ ଜଣ ଏମବିବିଏସ ଡାକ୍ତର ଓ ୧୨୬ଜଣ ଦନ୍ତ ଚିକିତ୍ସକଙ୍କ ପଦବୀ ପୂରଣ ନିମନ୍ତେ ଲୋକସେବା ଆୟୋଗକୁ ନିବେଦନ କରାଯାଇଛି ବୋଲି ଚଳିତ ବିଧାନସଭାରେ ସୂଚନା ଦେଇଛନ୍ତି। ଯେଉଁଥିରେ କି ମୟୂରଭଞ୍ଜ ଜିଲ୍ଲାକୁ ଲଲିପପ ଧରାଇ ଦିଆଯାଇଛି। ଜିଲ୍ଲାର ଜନସଂଖ୍ୟା ୩୦ ଲକ୍ଷ ଛୁଇଁଲାଣି। ଜିଲ୍ଲାରେ ସଦର ମହକୁମା ଡାକ୍ତରଖାନା, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ହସ୍ପିଟାଲ, ୩ଟି ଉପଖଣ୍ଡସ୍ତରୀୟ ଡାକ୍ତରଖାନା, ୨୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୭୮ଟି ପ୍ରାଥମିକ ଚିକିତ୍ସାଳୟ ଏବଂ ଚିକିତ୍ସାଳୟ ରହିଛି। ବର୍ତ୍ତମାନ ସୁଦ୍ଧା ଏହିସବୁ ଡାକ୍ତରଖାନାରେ ୫୦୭ଟି ଡାକ୍ତର ପଦ ଖାଲି ପଡ଼ିଛି। ଚିତ୍ରପୋଷି ଏବଂ ଶିମିଳିପାଳ ଅଭୟାରଣ୍ୟର ଗୁଡଗୁଡିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିନା ଡାକ୍ତରରେ ସେବା ଚାଲିଛି। ସଦର ମହକୁମା ମୁଖ୍ୟ ଚିକିତ୍ସାଳୟରେ ୧୯୦ ଡାକ୍ତର ପଦ ମଧ୍ୟରୁ ୧୦୪ଟି ପଦ ଖାଲି ଥିବାବେଳେ ଉଦଳାରେ ୪୯ରୁ ୨୬ଟି, କରଞ୍ଜିଆରେ ୫୩ରୁ ୨୨ଟି ଓ ରାଇରଙ୍ଗପୁରରେ ୫୪ରୁ ୨୩ଟି ପଦ ଖାଲି ରହିଛି। ସେହିପରି ବ୍ଲକସ୍ତରରେ ଥିବା ଚିକିତ୍ସାଳୟ ଗୁଡିକର ମଧ୍ୟ ଅନୁରୂପ ଭାବେ ଡାକ୍ତର ପଦ ଖାଲି ରହିଛି। ରାସଗୋବିନ୍ଦପୁର ସିଏଚସିରେ ୨୫ରୁ ୧୪, ବାଙ୍ଗିରିପୋଷି ସିଏଚସିରେ ୨୬ରୁ ୧୫, ସାରସକଣାର ସିଏଚସିରେ ୨୪ରୁ ୧୩, ଶାମାଖୁଣ୍ଟାର ରଙ୍ଗାମାଟିଆ ସିଏଚସିରେ ୨୪ରୁ ୧୨, ବିଶୋଇର ମଣଦା ସିଏଚସିରେ ୨୩ରୁ ୧୨, ବିଜାତଳା ସିଏଚସିରେ ୨୪ରୁ ୧୬, ଜାମଦା ସିଏଚସିରେ ୨୩ରୁ ୧୬, ତିରିଂ ସିଏଚସିରେ ୨୨ରୁ ୧୪, କୁସୁମୀର ବାଦାମପାହାଡ ସିଏଚସିରେ ୨୬ରୁ ୧୩, ଉଦଳାର"ଶ୍ରୀ ଦାମଚନ୍ଦ୍ରପୁର ସିଏଚସିରେ ୨୪ରୁ ୧୩, ଠାକୁରମୁଣ୍ଡା ସିଏଚସିରେ ୨୫ରୁ ୧୪, ଶୁକ୍ରୁଳି ସିଏଚସିରେ ୨୨ରୁ ୧୪, ରୁରୁଆଁ ସିଏଚସିରେ ୨୪ରୁ ୧୬ ଏବଂ ଯଶିପୁର ବ୍ଲକର ଯଶିପୁର ସିଏଚସିରେ ୨୪ରୁ ୧୫ ଓ ଜାମୁକେଶ୍ୱର ସିଏଚସିରେ ୨୧ରୁ ୧୫ ଡାକ୍ତରୀ ପଦବୀ ଖାଲି ରହିଛି। ଏଥିସହିତ ବାରିପଦା ସଦର ବ୍ଲକ କୃଷ୍ଣଚନ୍ଦ୍ରପୁର ସିଏଚସିରେ ୨୨ରୁ ୯, ରାଇରଙ୍ଗପୁରର ଗୋରୁମହିଷାଣି ସିଏଚସିରେ ୨୩ରୁ ୧୦, ଖୁଣ୍ଟାର ଡୁକୁରା ସିଏଚସିରେ ୨୩ରୁ ୧୧, କପ୍ତିପଦା ସିଏଚସିରେ ୨୭ ରୁ ୧୨, କରଞ୍ଜିଆର ତାଟୋ ସିଏଚସିରେ ୨୪ରୁ ୧୦ ଏବଂ ବହଳଦା ବ୍ଲକର ବହଳଦା ସିଏଚସିରେ ୨୨ରୁ ୧୧ ଓ ଝରାଡିହି ସିଏଚସିରେ ୨୨ରୁ ୧୧ଟି ଡାକ୍ତର ପଦ ଖାଲି ରହିଛି। ସେହିପରି ଜିଲ୍ଲାରେ ମୋଟ ୧୪୭୦ ନର୍ସିଂ ଅଫିସରଙ୍କ ମଧ୍ୟରୁ ୬୬୫ଟି, ୧୯୬ ଫାର୍ମାସିଅଫିସରଙ୍କ ମଧ୍ୟରୁ ୬୩ଟି, ୧୨୩ ମେଡିକାଲ ଲାବରେଟୋରୀ ଟେକନିସିଆନଙ୍କ ମଧ୍ୟରୁ ୪୦ଟି, ୨୭୦ ଆଟେଣ୍ଡାଣ୍ଟଙ୍କ ମଧ୍ୟରୁ ୧୧୯ଟି, ୧୮୭ ସୁଇପରଙ୍କ ମଧ୍ୟରୁ ୯୭ଟି ଏବଂ ୪୯ଟି ପିଓନଙ୍କ ମଧ୍ୟରୁ ୨୧ଟି ଖାଲି ପଡ଼ିଛି। ସେଥି ମଧ୍ୟରୁ ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ୨୦୫ ନର୍ସିଂ ଅଫିସରଙ୍କ ମଧ୍ୟରୁ ୧୪୩ଟି ପଦ ଖାଲି ଥିବା ବେଳେ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ମଧ୍ୟରୁ ଉଦଳାରେ ୮୧ ନର୍ସିଂ ଅଫିସରଙ୍କ ମଧ୍ୟରୁ ୩୬ଟି କରଞ୍ଜିଆରେ ୯୧ ନର୍ସିଂ ଅଫିସରଙ୍କ ମଧ୍ୟରୁ ୫୫ଟି ଓ ରାଇରଙ୍ଗପୁରରେ ୧୧୨ଜଣଙ୍କ ମଧ୍ୟରୁ ୭୧ଟି ନର୍ସିଂ ପଦ ଖାଲି ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିଶ୍ଚେତକ ବିଶେଷଜ୍ଞ ନ ଥିବାବେଳେ ଆବଶ୍ୟକ ସଂଖ୍ୟକ ସ୍ତ୍ରୀ ରୋଗ ବିଶେଷଜ୍ଞ, ଶଲ୍ୟ ବିଶେଷଜ୍ଞ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ନାହାନ୍ତି। ଅନେକ ବିଭାଗରେ ବିଶେଷଜ୍ଞ ପଦ ଖାଲି ରହୁଥିବା କାରଣରୁ ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଉଛି। ଫଳରେ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ରେଫରାଲ କେନ୍ଦ୍ରରେ ପରିଣତ ହୋଇଛି। ଟ୍ରମା କେୟାର କେନ୍ଦ୍ର ନଥିବା ବେଳେ ଅନେକ ରୋଗୀମାନେ କଟକ ଯିବା ବାଟରେ ମୃତ୍ୟୁମୁଖରେ ପଡୁଛନ୍ତି। ତେବେ ଜିଲ୍ଲାରେ ବିଜେପିର ସମସ୍ତ ବିଧାୟକ ଓ ସାଂସଦ ଏବଂ ୨ଜଣ ମନ୍ତ୍ରୀ ଥିଲେ ମଧ୍ୟ ଏଥିପ୍ରତି କାହାର ତିଳେମାତ୍ର ଆଗ୍ରହ ନଥିବା ଜଣାପଡୁଛି। ଏ ସମ୍ପର୍କରେ କେହି ବି ପାଟି ଖୋଲୁନାହାନ୍ତି। ଫଳରେ ଜିଲ୍ଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଲାଣି। ସ୍ୱାସ୍ଥ୍ୟ ସେବା ସୁଧାର ପାଇଁ ତିଳେ ହେଲେ ମନୋନିବେଶ କରୁନାହାନ୍ତି। ଯାହା ଫଳରେ ଖାଲି ଡାକ୍ତର ପଦବୀ ପୂରଣ ପ୍ରକ୍ରିୟାରୁ ମୟୂରଭଞ୍ଜ ଜିଲ୍ଲା ବାଦ ପଡୁଛି। ତେବେ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଡେ' କେୟାର ସେଣ୍ଟର ଓ କେମୋଥେରାପି ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି।

> ● ଡାକ୍ତର ନିଯୁକ୍ତି ପ୍ରକ୍ରିୟାରୁ ଜିଲ୍ଲା ବାଦ୍
> ● ଚିତ୍ରପୋଷି ଓ ଗୁଡ଼ଗୁଡ଼ିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଶୂନ୍

## ଖବର ପ୍ରକାଶ ପରେ ସଜଡ଼ାଗଲା ପିଆର୍‌ଏମ୍‌ର ଲିଫ୍ଟ

ସକାଳ ପ୍ରଭାବ




**ବାରିପଦା, ୨୧।୨(ସମିସ):** ଦୈନିକ 'ସକାଳ'ରେ 'ପିଆରଏମ୍‌ରେ ଲିଫ୍ଟ ଅଚଳ' ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ମେଡିକାଲ କର୍ତ୍ତୃପକ୍ଷ ତୁରନ୍ତ ଲିଫ୍ଟକୁ ସଜାଡିଛନ୍ତି। ରକ୍ଷଣାବେକ୍ଷଣ ଅଭାବ ପାଇଁ ୧୮୦ଶଯ୍ୟା ବିଶିଷ୍ଟ ୪ ମହଲା ବିଲ୍ଡିଂରେ ରୋଗୀ ନିମନ୍ତେ ଥିବା ଲିଫ୍ଟ ଗତ ୪/୫ଦିନ ହେବ ଅଚଳ ହୋଇପଡ଼ିଥିଲା। ଫଳରେ ହସ୍ପିଟାଲକୁ ଆସୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏନେଇ ଶୁକ୍ରବାର ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ପରେ ପୂର୍ତ୍ତ ବିଭାଗର ଜିଇଡି ଯନ୍ତ୍ରୀ ଜନସନ କମ୍ପାନୀର ଇଞ୍ଜିନିୟରଙ୍କୁ ଠକାଇ ମରାମତି କରିବା ପରେ ଲିଫ୍ଟ ସେବା ସ୍ୱାଭାବିକ ହୋଇଛି। ୪ଦିନ ଧରି ଲିଫ୍ଟ ଖରାପ ପାଇଁ ୪ମହଲା କୋଠାର ପ୍ରଥମ ମହଲାରେ ଜରୁରୀକାଳୀନ ଚିକିତ୍ସା, ଆଶୁ ଚିକିତ୍ସା ବିଭାଗ, ଅଂଶୁଘାତ କକ୍ଷ, ଦ୍ୱିତୀୟ ମହଲା ଓ ତା' ଉପରକୁ ମେଡିସିନ ବିଭାଗର ରୋଗୀ ଚିକିତ୍ସା ନିମନ୍ତେ ମହିଳା ଓ ପୁରୁଷ ୱାର୍ଡର ପ୍ରତିଦିନ ପ୍ରାୟତଃ ୫୦୦ରୁ ଉର୍ଦ୍ଧ୍ୱ ରୋଗୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ। ଉପର ମହଲାକୁ ରୋଗୀ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଯା'ଆସ ପାଇଁ ଗୋଟିଏ ଲିଫ୍ଟ ଉପରେ ହିଁ ସମସ୍ତେ ନିର୍ଭରଶୀଳ ଥିବା ବେଳେ ତାହା ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇପଡ଼ିଥିଲା। ଖବର ପ୍ରକାଶ ପରେ ହସ୍ପିଟାଲ ଅଧକ୍ଷର ଡା ରବୀନ୍ଦ୍ର କୁମାର ମିଶ୍ର ଲିଫ୍ଟ ଅଚଳ ଥିବା ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇ ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମରାମତି ପରେ ଶୁକ୍ରବାର ଅପରାହ୍ନରୁ ଲିଫ୍ଟ ଚଳାଚଳ ସ୍ୱାଭାବିକ ହୋଇଛି।

## ଶ୍ରୀମା'ଙ୍କ ଜୟନ୍ତୀରେ ବିଜ୍ଞାନ ମେଳା



**ବାରିପଦା, ୨୧।୨(ସମିସ):** ବାରିପଦା ଶ୍ରୀ ଅରବିନ୍ଦ କେନ୍ଦ୍ରୀୟ ପାଠଚକ୍ର ପରିସରରେ ଶୁକ୍ରବାର ଶ୍ରୀମା'ଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳା, ଚିତ୍ରକଳା, ହସ୍ତକର୍ମ ଓ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବିଜ୍ଞାନ ମେଳାରେ ୨୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ରଶ୍ମିରେଖା ଗିରିଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ, ମୟୂରେଶ ଦାସ ଓ ସାଗର ସିଂଙ୍କ ପ୍ରକଳ୍ପ ଦ୍ୱିତୀୟ ଏବଂ ସମିତା ବେହେରାଙ୍କ ପ୍ରକଳ୍ପ ତୃତୀୟ ସ୍ଥାନ ଲାଭ କରିଛି। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷା କବିତା ରାଣୀ ସି, ସଭାପତି କଳ୍ପନା ଷଡ଼ଙ୍ଗୀ, ସମ୍ପାଦକ ପ୍ରବୋଧ କୁମାର ମହାପାତ୍ର, ସଦସ୍ୟ କଲ୍ୟାଣ କୁମାର ସିହ୍ନା, ଜିଲ୍ଲା ସଂଗଠକ ଗଣେଶ ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇ ପ୍ରଦର୍ଶନୀକୁ ଉଦଘାଟନ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ।

## ସିନିୟର ପୁରୁଷ ଆନ୍ତଃ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ବାରିପଦା, ୨୧।୨(ସମିସ):** ବାରିପଦା ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ-ବି'ର ୭ମ ମ୍ୟାଚରେ କରଞ୍ଜିଆ ଦଳ ଜେକେସିସି ଦଳକୁ ୯ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଜେକେସିସି ଦଳ ୩୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସ୍ମୃତିରଞ୍ଜନ ନାୟକ ୩୨ ରନ କରିଥିବା ବେଳେ ବିପକ୍ଷ ଦଳର କେଶବ ନାଏକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କରଞ୍ଜିଆ ଦଳ ୨୯. ୩ ଓଭରରେ ଗୋଟିଏ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ସାହିଲ ମହାନ୍ତ ୬୩ ଓ କେଶବ ନାଏକ ୫୬ ରନ କରିଥିବା ବେଳେ ବିପକ୍ଷ ଦଳର ସତ୍ୟବ୍ରତ ଧଳ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା କରିଥିଲେ। ଅତିଥିଭାବେ ଜିଲ୍ଲା ଓକିଲ ସଂଘର ସଭାପତି ବିଭୁ ପ୍ରସାଦ ଦାସଙ୍କ ସହ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶନିବାର ଡିଆରକେ(ବି) ଦଳ ଓ ମୟୂରଭଞ୍ଜ ରେଡ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

### ବିଧାନସଭାରେ ଦାବି ଉଠାଇଲେ ସାରସକଣା ବିଧାୟକ

## 'ସାନ୍ତାଳୀ ଭାଷାର ରାଜ୍ୟସ୍ତରୀୟ ଶତବାର୍ଷିକୀ ପାଳନ ହେଉ'

**ବିଶୋଇ, ୨୧।୨ (ସମିସ):** ଚଳିତବର୍ଷ ସାନ୍ତାଳୀ ଭାଷାର ଶହେ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ତେଣୁ ରାଜ୍ୟସ୍ତରରେ ସାନ୍ତାଳୀ ଭାଷାର ଶତବାର୍ଷିକୀ ଉତ୍ସବ ପାଳନ କରାଯାଉ ବୋଲି ମୟୂରଭଞ୍ଜ ଜିଲ୍ଲା ସାରସକଣା ବିଧାୟକ ଭାଦବ୍ ଚନ୍ଦ୍ର ହାଁସଦା ଏନେଇ ବିଧାନସଭାରେ ଦାବି ଉଠାଇଛନ୍ତି। ଗୁରୁବାର ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ବିଧାୟକ ଶ୍ରୀ ହାଁସଦା କହିଛନ୍ତି ଯେ ପଣ୍ଡିତ ରଘୁନାଥ ମୁର୍ମୁ ୧୯୨୫ ମସିହାରେ ସାନ୍ତାଳୀ ଭାଷାର ଉଦ୍ଭାବନ କରିଥିଲେ। ଗତ ୨୦୦୩ ମସିହାରେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସାନ୍ତାଳୀ ଭାଷାକୁ ସମ୍ବିଧାନର ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିଥିଲେ। ଚଳିତବର୍ଷ ମେ ୫ ତାରିଖରେ ସାନ୍ତାଳୀ ଭାଷା ୧୦୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ତେଣୁ ଏହାର ରାଜ୍ୟସ୍ତରୀୟରେ ଶତ ବାର୍ଷିକୀ ପାଳନ କରାଯାଉ ବୋଲି ଶ୍ରୀ ହାଁସଦା ଗୃହରେ ଦାବି ଉଠାଇଛନ୍ତି। ସେହିପରି ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ଯାଏଁ ସାନ୍ତାଳୀ ଭାଷାରେ ପାଠପଢ଼ାରେ ଆରମ୍ଭ ପାଇଁ ସେ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବର ୨୨ ତାରିଖରେ ବିଧାୟକ ଶ୍ରୀ ହାଁସଦାଙ୍କ ପୌରାହିତରେ ବିଜାତଳା ଠାରେ ବାମନଘାଟି ଉପଖଣ୍ଡର ବିଭିନ୍ନ ଆଦିବାସୀ ସଙ୍ଗଠନ ପକ୍ଷରୁ ସାନ୍ତାଳୀ ବିଜୟ ଭାଷା ଦିବସ ପାଳିତ ହୋଇଯାଇଥିଲା। ସେହିପରି ସାନ୍ତାଳୀ ନବବର୍ଷ 'ମାଘ ମୁଲୁଃ'ପାଳନ ଅବସରରେ ଆଦିବାସୀ ସଂଗଠନ ଆସେକା, ୧୪୪ଗ୍ରାମର ମାଝୀବାବା, ୩ ଗୋଟି ପିଢ଼ ପାର୍ଗାନା ଓ ହଜାର ସଂଖ୍ୟକ ଆଦିବାସୀ ଜନସାଧାରଣଙ୍କୁ ନେଇ ବିଜାତଳାଠାରେ ସାନ୍ତାଳୀ ଭାଷାର ୧୦୦ ବର୍ଷ ପୂର୍ତ୍ତି ପାଇଁ ପ୍ରାକ ଉତ୍ସବ ପାଳନ କରାଯାଇଥିଲା। ଯେଉଁଥିରେ ବିଧାୟକ ଭାଦବ୍ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ସାନ୍ତାଳୀ ଭାଷାର ଶତ ବାର୍ଷିକ ଉତ୍ସବ ପାଳନ ପାଇଁ ଆହ୍ୱାନ ଦେଇଥିଲେ।

## ମହିଳାଙ୍କୁ କଟୁରିରେ ଆକ୍ରମଣ

**ବଡ଼ସାହି, ୨୧।୨(ସମିସ):** ବଡସାହି ଥାନା ଚନ୍ଦନପୁର ପଞ୍ଚାୟତ କୁରାଡିହା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଡକାୟତି ଉଦ୍ୟମ କରି ତାଙ୍କ ସ୍ତ୍ରୀଙ୍କୁ ଦୁର୍ବୃତ୍ତମାନେ ଏକ ତେଲେଙ୍ଗା କଟୁରିରେ ଆକ୍ରମଣ କରିଛନ୍ତି। ଫଳରେ ତାଙ୍କର ଡାହାଣ ହାତ ଆଙ୍ଗୁଠିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ପ୍ରଥମେ ବାରିପଦା ପରେ କଟକ ସ୍ଥାନାନ୍ତର କରାଯାଇଛି। ଆହତ ମହିଳା ଜଣକ ହେଲେ ସେହି ଗ୍ରାମର ବିଷ୍ଣୁନନ୍ଦ ବେହେରାଙ୍କ ସ୍ତ୍ରୀ କବିତା(୪୫)। ଗୁରୁବାର ବିଳମ୍ବିତ ରାତିରେ ଏକ କାରରେ ୫/୬ଜଣ ଦୁର୍ବୃତ୍ତ ଝରକା ଭାଙ୍ଗି ତାଙ୍କ ଘରେ ପଶି ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଫଳରେ କବିତା ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ଘରୁ ଏକ ଏଲଇଡି ଟିଭି ଓ ୩ହଜାର ଟଙ୍କା ନେଇ ଯାଇଛନ୍ତି। ବିଷ୍ଣୁନନ୍ଦ ପଡୋଶୀଙ୍କୁ ଡାକିବା ପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ପରେ ପୁଲିସ ପହଞ୍ଚି ତଦନ୍ତ ଚଳାଇଛି।

## ମାଟ୍ରିକ୍ ପରୀକ୍ଷା ଆରମ୍ଭ | ପ୍ରଥମ ଦିନରେ ୭୪୫ ପରୀକ୍ଷାର୍ଥୀ ଅନୁପସ୍ଥିତ



**ବାରିପଦା, ୨୧।୨(ସମିସ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ବାର୍ଷିକ ହାଇସ୍କୁଲ ମାଟ୍ରିକ ପରୀକ୍ଷା-୨୦୨୫ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରଥମ ଭାଷା ଓଡ଼ିଆ ବିଷୟ ପରୀକ୍ଷା ହୋଇଥିବା ବେଳେ ୭୪୫ ଜଣ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ମୟୂରଭଞ୍ଜ ଜିଲ୍ଲାର ୬୧୪ଟି ଉଚ୍ଚ ବିଦ୍ୟାଳୟର ପରୀକ୍ଷାର୍ଥୀ ୧୭୬ କେନ୍ଦ୍ରରେ ପରୀକ୍ଷା ଦେବା ନେଇ ସୁବନ୍ଦବୋସ୍ତ କରାଯାଇଥିଲା। ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରଛାତ୍ରୀ ମାନେ ହାଇସ୍କୁଲ ସାର୍ଟିଫିକେଟ, ମଧ୍ୟମା ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଗୋଟିଏ ସିଟିଂରେ ହୋଇଛି। ହାଇସ୍କୁଲ ସାର୍ଟିଫିକେଟ(ମାଟ୍ରିକ) ପରୀକ୍ଷା ଦେବାକୁ ୨୮, ୬୭୨ଜଣ ଫର୍ମ ପୂରଣ କରିଥିବା ବେଳେ ୨୭, ୯୮୭ଜଣ ପରୀକ୍ଷା ଦେଇଛନ୍ତି। ୬୮୫ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। ସେହିପରି ମଧ୍ୟମା ପରୀକ୍ଷା ଦେବାକୁ ୩୯୭ ଜଣ ଫର୍ମ ପୂରଣ କରିଥିବା ବେଳେ ୩୫୩ଜଣ ପରୀକ୍ଷା ଦେଇଥିବାବେଳେ ୪୪ଜଣ ଅନୁପସ୍ଥିତ ରହିଛନ୍ତି। ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ଦେବାକୁ ୧୫୫ଜଣ ଫର୍ମ ପୂରଣ କରିଥିଲେ ୧୩୯ଜଣ ପରୀକ୍ଷା ଦେଇଛନ୍ତି। ୧୬ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। ତେବେ ପ୍ରଥମ ଦିନରେ କେହି ବି ପରୀକ୍ଷାର୍ଥୀ କପି କରିବା ବେଳେ ଧରାପଡ଼ିନାହାନ୍ତି। ପରୀକ୍ଷା ପରିଚାଳନା ନିମନ୍ତେ ୨୧ଟି ହବ ବା ନୋଡାଲ ସେଣ୍ଟର ହୋଇଛି। ଏହା ସହିତ ୪୯ଟି ଡେସପାଚ ଟିମ ପ୍ରସ୍ତୁତ କରାଯାଇଛି।

ଏନେଇ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ସୁଚାରୁ ରୂପେ ପରୀକ୍ଷା ପରିଚାଳନା କରାଯାଉଛି। ପ୍ରତ୍ୟେକ ପରୀକ୍ଷା ସକାଳ ୯ରୁ ଆରମ୍ଭ ହୋଇ ୧୧.୩୦ରେ ଶେଷ ହେଉଛି। କେବଳ ଗଣିତ ପରୀକ୍ଷା ୧୧.୪୫ରେ ଶେଷ ହେବ। ପ୍ରତି ପରୀକ୍ଷା କେନ୍ଦ୍ରରେ ପ୍ରଶାସନ ପକ୍ଷରୁ ଜଣେ ଲେଖାଏଁ ପରିଦର୍ଶକ ନିଯୁକ୍ତ ହୋଇଛନ୍ତି। ପରୀକ୍ଷାରେ କପି ରୋକିବାକୁ ତ୍ରିସ୍ତରୀୟ ସ୍କ୍ୱାର୍ଡ ଗଠନ କରାଯାଇଛି। ପ୍ରତି କେନ୍ଦ୍ରରେ ପୁଲିସ ମୁତୟନ ଥିବା ବେଳେ ସମ୍ବେଦନଶୀଳ କେନ୍ଦ୍ର ଗୁଡିକରେ ଅଧିକ ପୁଲିସ ନିୟୋଜିତ କରାଯାଇଛି। ଅସାଧୁ ଉପାୟ ଅବଲମ୍ବନ ହେଲେ ଦାୟୀ ଛାତ୍ରଛାତ୍ରୀ, ପରୀକ୍ଷକ ଓ ଅଧୀକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସକାଳ
THE SAKALA



## ବସ୍-ବୋଲେରୋ ଧକ୍କା; ୬ ଆହତ

**କପ୍ତିପଦା/ଶରତ, ୨୧।୨(ସମିସ):** ଶରତ ଥାନା ଅନ୍ତର୍ଗତ ହଦଗୁଠୁ ପୋଲ ନିକଟରେ ଶୁକ୍ରବାର ଏକ ବସ୍ ସହିତ ବୋଲେରୋର ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଗୁରୁତର ହୋଇଥିବାବେଳେ




୨ ଜଣ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ଏବଂ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଭୁବନେଶ୍ୱରରୁ ଶରତ ଅଭିମୁଖେ ଆସୁଥିବା ବିଜୟା ବସ ଏବଂ ଶରତ ପଟୁ ବାରିପଦା ଯାଉଥିବା ଏକ ବୋଲେରୋ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବୋଲେରୋରେ ବସିଥିବା ୪ ଜଣ ଗୁରୁତର ହୋଇଥିବାବେଳେ ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଛନ୍ତି। ପ୍ରଥରେ ସମସ୍ତ ଗୁରୁତରଙ୍କୁ ଶରତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ଉଦଳା ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ଏହି ଦୁର୍ଘଟଣାରେ ବସ୍‌ର କୌଣସି ଯାତ୍ରୀ ଆହତ ହୋଇ ନ ଥିବା ସୂଚନା ମିଳିଛି। ଖବର ପାଇ ଘଟଣାସ୍ଥଳରେ ଶରତ ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ଗତ ୧୭ତାରିଖରେ ଏହି ସ୍ଥାନରେ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିଲା।

# ବସ୍ ଦୁର୍ଘଟଣାଗ୍ରସ୍ତ; ୧୫ ଆହତ, ୬ ଗୁରୁତର

**ରାଇରଙ୍ଗପୁର, ୨୧।୨(ସମିସ)**




ଶୁକ୍ରବାର ଅପରାହ୍ନରେ ଏକ ବସ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ବସ୍‌ରେ ଥିବା ୧୫ ଯାତ୍ରୀ ଆହତ ହୋଇଥିବାବେଳେ ୬ ଜଣ ଗୁରୁତର ହୋଇ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ, କରଞ୍ଜିଆରୁ ବହଳଦା ବ୍ଲକ ଜରିତାଣ୍ଡିକୁ ଆସୁଥିବା ସମୟରେ ଅପୁ ନାମକ ଯାତ୍ରୀବାହୀ ବସ ଅସନା ଗାଁ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବସରେ ପ୍ରାୟ ୩୦ଅଧିକ ଯାତ୍ରୀ ଥିଲେ। ସାମାନ୍ୟ ଆହତ ଥିବା ୧୫ ଜଣ ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ଗୁରୁତର ଥିବା ୬ ଜଣ ମହିଳାଙ୍କ



ରାଇରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସା ଚାଲିଛି। ସେଥିମଧ୍ୟରୁ ଦୁଇ ଜଣ ମହିଳାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାରିପଦାକୁ ସ୍ଥାନାନ୍ତର କରାଯାଇଛି। ତେବେ ଗୁରୁତର ଥିବା ଦୁଇ ଜଣ କଲେଜ ଛାତ୍ରୀଙ୍କ ମଧ୍ୟରୁ ଜଣେ ଦେଉରାଏଡିହି ଗାଁର ତୁଳସୀ ପାତ୍ର, ଏବଂ ଅନ୍ୟ ଜଣେ ଜୟନ୍ତୀ ପୂର୍ତ୍ତି ବୋଲି ଜଣାପଡ଼ିଛି। ଅନ୍ୟ ଆହତଙ୍କ ମଧ୍ୟରେ ସୁକୁମାରୀ ଦେହୁରୀ, ପୋଟକଡ଼ିହି, ସିଙ୍ଗ ମୁର୍ମୁ, ଶାଗଯୋଡି, ସୁମୀ ନାଏକ ପିଠାକୋଟଣେ ଗାଁର ରହିଛନ୍ତି। ବସରେ ଥିବା ଅନ୍ୟ ମହିଳା ଓ ବାଳିକାମାନେ ସାମାନ୍ୟ ଆହାତ ହୋଇଥିବା ଜଣାପଡ଼ିଛି। ପରେ ପୁଲିସ ପହଞ୍ଚି ବସ୍‌କୁ ଜବତ କରିବା ସହିତ ଚାଳକକୁ ଗିରଫ କରିଛି।

## ମଦ ଜବତ; ୨ ମହିଳାଙ୍କ ସମେତ ୪ ଗିରଫ

**କରଞ୍ଜିଆ, ୨୧।୨(ସମିସ):** କରଞ୍ଜିଆ ଅବକାରୀ ବିଭାଗ ତରଫରୁ ଚଡ଼ଉ କରାଯାଇ ଦୁଇ ମହିଳା ସମେତ ଚରି ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୪୦ ଲିଟର ଦେଶୀ ମଦ ଜବତ ହୋଇଛି। ଚଡଉ ସମୟରେ କରଞ୍ଜିଆ ଥାନା ଅନ୍ତର୍ଗତ ଚାତୁରୀସାହିର ମନୋରଞ୍ଜନ ହୋ ଓ ଚିତ୍ତ ହୋ, ପାଟିବିଲ ଗ୍ରାମର ମାଳତୀ ମାଝୀ ଓ ସୁଶାନ୍ତୀ ମାଝୀଙ୍କୁ ଦେଶୀ ମଦ କାରବାର କରୁଥିବା ଅଭିଯୋଗରେ ଗିରଫ କରାଯାଇଛି। ପରେ ସେମାନଙ୍କୁ କୋର୍ଟଚାଲାଣ କରିଛି ଅବକାରୀ ବିଭାଗ।

## ଡ୍ରେନ୍ ନାହିଁ; ଘରେ ପଶିଲା ବର୍ଷାପାଣି



**ଜାମଦା, ୨୧।୨(ସମିସ):** ଜାମଦା ବ୍ଲକ ଅନ୍ତର୍ଗତ ବେଲପୋଷି ଗ୍ରାମର ମନ୍ଦିର ସାହିରେ ଗତକାଲି ଅଦିନିଆ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିଛି। ଏପରିକି କେତେକ ଲୋକଙ୍କ ଘରେ ମଧ୍ୟ ପାଣି ପଶିଥିବା ସୂଚନା ମିଳିଛି। ବମ୍ବେ ଛକରୁ ବ୍ୟାଙ୍କ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ଓସାରିଆ ଓ ବହୁ ଉଚ୍ଚ କରାଯାଇଛି; କିନ୍ତୁ ବର୍ଷ ଜଳ ନିଷ୍କାସନ ପାଇଁ କୌଣସି ଡ୍ରେନ ନ ଥିବାରୁ ରାସ୍ତାର ସବୁ ପାଣି ଘରେ ପଶୁଛି। ଏଥିସହ ଗ୍ରାମର ମୁଖ୍ୟ ରାସ୍ତାରେ ପାଣି ଜମା ହୋଇରହୁଛି। ଫଳରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଡ୍ରେନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଜାମଦା ବିଡିଓଙ୍କୁ ପଚାରିବାରୁ ଏହା ପିଡବ୍ଲ୍ୟୁଡି ରାସ୍ତା ହୋଇଥିବାରୁ ବିଭାଗୀୟ ଏସଡିଓଙ୍କ ସହ ଆଲୋଚନା ହୋଇଛି ବୋଲି କହିଛନ୍ତି। ସେ ଶନିବାର ଆସି ତଦାରଖ କରିବେ ବୋଲି କହିଛନ୍ତି।

## କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ବିଇଓଙ୍କୁ ସ୍ମାରକପତ୍ର

**କରଞ୍ଜିଆ, ୨୧।୨(ସମିସ):** ରାଜ୍ୟରେ ଗତ ୨୦୧୩ ମସିହାରୁ ବିଭିନ୍ନ ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା କଳା ଓ କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ନେଇ କରଞ୍ଜିଆ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ୨୦୧୩ ମସିହାରେ ନିଯୁକ୍ତି ପାଇଥିଲେ ସୁଦ୍ଧା ସେମାନଙ୍କୁ ଆଜିଯାଏ



ସ୍ଥାୟୀ କରାଯାଇନାହିଁ। କିନ୍ତୁ ୨୦୦୮ ମସିହାରେ ଶିକ୍ଷା ସହାୟକ, ୨୦୧୭ରେ ଗଣଶିକ୍ଷକ ଓ ୨୦୧୯ ମସିହାରେ ବହୁଭାଷୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇଥିବାବେଳେ ରାଜ୍ୟରେ ୪୭୮୧ ଜଣ କ୍ରୀଡ଼ା ଓ କଳା ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇନାହିଁ। ତୁରନ୍ତ ସ୍ଥାୟୀ ନିଯୁକ୍ତି ଦାବି କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଅବସରରେ ସଂଘର ସଭାପତି ଆଦିତ୍ୟ କୁମାର ଗିରି, ସମ୍ପାଦକ ବିଜୟ କୁମାର ଗିରି, ସଂଯୋଜକ ହୃଷିକେଶ ମହାନ୍ତ, ଉପସଭାପତି ସୁଜିତ ମହାନ୍ତ, ସଞ୍ଜୟ ସାହା ପ୍ରମୁଖ ଉପସ୍ଥିତ ଥିଲେ।

## ବହୁବନ୍ଧ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଉଦଳା, ୨୧।୨(ସମିସ):** ବୁଧବାର ଉଦଳା ବ୍ଲକ ଅନ୍ତର୍ଗତ ବହୁବନ୍ଧ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ନରେନ୍ଦ୍ର ଖମାରୀ, ମୁଖ୍ୟ ବକ୍ତା ଭାବରେ ପ୍ରଧାନ ଶିକ୍ଷକ ବ୍ରଜମୋହନ ମାଝି, ସ୍ୱତନ୍ତ୍ର ଅତିଥିଭାବେ ଧ୍ରୁବଚରଣ ମୁର୍ମୁ, ସମ୍ମାନିତ ଅତିଥି ଭାବରେ ବହୁବନ୍ଧ ସରପଞ୍ଚ ସୂର୍ଯ୍ୟନାରାୟଣ ଟୁଡୁ, ବିଶିଷ୍ଟ ଅତିଥି ଭାବରେ ସରସ୍ୱତୀ ଟୁଡୁ ଓ ବହୁବନ୍ଧ ଆଶ୍ରମ ବିଦ୍ୟାଳୟ ପରିଚାଳନା କମିଟିର ସଭାପତ ଲିଲି ଖଡିକା ପ୍ରମୁଖ ଯୋଗଦେଇ ନୈତିକ ଶିକ୍ଷାର ଉପାଦେୟତା ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀ କିପରି ଉଦଳା ବ୍ଲକରେ ସବୁ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି ସେ ନେଇ ଅତିଥିମାନେ ପ୍ରକାଶ କରିଥିଲେ। ଦୃଢ ଇଚ୍ଛା ଶକ୍ତି ବଳରେ ମଣିଷ କିପରି ସବୁ ଅସାଧ କାର୍ଯ୍ୟକୁ ସାଧରେ ପରିଣତ କରି ପାରିବ ସେ ନେଇ ବିଭିନ୍ନ ଉଦାହରଣ ଦେଇଥିଲେ। ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ନିବେଦିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରତିଯୋଗିତା

**କଳାବାଡିଆ, ୨୧।୨(ସମିସ):** ବାଙ୍ଗିରିପୋଷି ବ୍ଲକ ବଣକାଟି ପଞ୍ଚାୟତ ଅନ୍ତର୍ଗତ ଜାମଦାପାଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ହୋଇଥିଲା। ଏହି ଦିବସ ଉପଲକ୍ଷେ ବିଦ୍ୟାଳୟ ପରିସରରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହିତ ବିଭିନ୍ନ ପ୍ରକାରର ଖାଦ୍ୟ ପରିବେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧକ୍ଷା ଚୁମକି ରାଣୀ ମାଝୀ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଖାଦ୍ୟର ଉପକାରୀତା ବିଷୟରେ କହି ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି ପ୍ରତିଯୋଗିତାରେ ଦୀପକ କୁମାର ସୋରେନ, ମୋନାଲିସା ନାଏକ, ଭାରତୀ ନାୟକ, କୌଶଲ୍ୟା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ୫ଟି ଷ୍ଟଲକୁ ଅଧକ୍ଷା ପୁରସ୍କୃତ କରିବା ସହିତ ମାନପତ୍ର ପ୍ରଦାନ କରିଥିଲେ।

ବ୍ୟାଙ୍କ ଲୁଟ୍ ଘଟଣା

## ୨ ଦିନ ପରେ ବି ପୁଲିସ ହାତ ଖାଲି

**ବହଳଦା, ୨୧।୨(ସମିସ):** ବହୁ ଚର୍ଚ୍ଚିତ ବହଳଦା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସଶସ୍ତ୍ର ଡକାୟତି ଘଟଣାର ପୁଲିସ ତଦନ୍ତ ଚଳାଇଛି। କିନ୍ତୁ ଇତିମଧ୍ୟରେ ଦୁଇଦିନ ବିତିଯାଇଥିଲେ ମଧ୍ୟ ପୁଲିସ କାହାରିକୁ ଧରିବାରେ ସକ୍ଷମ ହୋଇପାରିନାହିଁ। ବ୍ୟାଙ୍କ ନିକଟ ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରୁଛି ପୁଲିସ। ଗତକାଲିର ଲୁଟ୍ ପରେ ଏସ.ପି, ବରୁଣ ଗୁଣ୍ଟୁପାଲି ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି। ଅତିରିକ୍ତ ଏସପି ଯଦୁମଣି ଜେନା, ଏସଡିପିଓ ଗୋକୁଳାନନ୍ଦ ସାହୁ ଉପସ୍ଥିତ ରହି ଝାରଖଣ୍ଡର ବିଭିନ୍ନ ଅଞ୍ଚଳରେ ପହଞ୍ଚି ତଦନ୍ତକୁ ତ୍ୱରାନ୍ୱିତ କରୁଛନ୍ତି। ତିରିଙ୍ଗ, ବହଳଦା, ଜାମଦା ପୁଲିସ ସମେତ ବହଳଦା ଥାନାର ପୂର୍ବତନ ଅଧିକାରୀ ବୀରେନ୍ଦ୍ର ସେନାପତି ଓ ପଞ୍ଚାନନ ମହାନ୍ତିଙ୍କ ପରି ବରିଷ୍ଠ ପୁଲିସ ଅଫିସରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି। ଏ ନେଇ ଏସଡିପିଓ ଶ୍ରୀ ସାହୁଙ୍କୁ ଯୋଗାଯୋଗ କରିବାରୁ ତଦନ୍ତ ଦ୍ରୁତଗତିରେ ଚାଲିଛି ଏବଂ ଖୁବ୍ ଶୀଘ୍ର ସଫଳତା ମିଳିବା ବୋଲି କହିଛନ୍ତି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

### ମୟୂରଭଞ୍ଜ କଲେଜ ଅଫ୍ ଆକଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟ



**ବାରିପଦା, ୨୧।୨(ସମିସ):** ମୟୂରଭଞ୍ଜ କଲେଜ ଅଫ୍ ଆକଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଓଡ଼ିଆ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ବିଭାଗୀୟ ଅଧ୍ୟାପିକା ତୃପ୍ତି ଦାସଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏଥିରେ ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ଡ଼ ଜିତେନ୍ଦ୍ର କୁମାର ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ମାତୃ ଭାଷା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ନିମନ୍ତେ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ସତ୍ୟନାରାୟଣ ଦାସ, ଅଭିଜିତ ପଟ୍ଟନାୟକ, ସମ୍ବିତ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ମାତୃଭାଷା ପ୍ରତି ଭଲ ପାଇବା ଏବଂ ମାତୃଭାଷାକୁ ସମ୍ମାନ ଦେଲେ ହିଁ ଛାତ୍ର ସମାଜ ଆଗକୁ ଯାଇପାରିବ ବୋଲି ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ର ମଙ୍ଗଳ ସୋରେନ ଶ୍ରେଷ୍ଠ ବିଜେତା ଭାବେ ମାନପତ୍ର ଏବଂ ଟ୍ରଫି ଗ୍ରହଣ କରିଥିଲେ। ଅଧ୍ୟାପିକା ଲକ୍ଷ୍ମୀ ଚାପେୟର, ପ୍ରତିଭା ଦାସ, ମୀରା ସେନାପତି, ରୁପମଞ୍ଜରୀ ବେହେରା, ସୁଜାତା ପାଲ, ସୁଦେଷ୍ଣା ଭଞ୍ଜବାବୁ, କସ୍ତୁରବା ମହାନ୍ତ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶେଷରେ ବିଭାଗୀୟ ଅଧ୍ୟାପିକା କିରଣ ବାଲା ବାସ୍କେ ଧନ୍ୟବାଦ୍ ଅର୍ପଣ କରିଥିଲେ।

### କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟ



**ବାରିପଦା:** ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ସଭାପତିତ୍ୱ କରି ସାମ୍ପ୍ରତିକ ସମୟରେ ଗୋଟିଏ ଜାତିର ଅସ୍ମିତାର ସୁରକ୍ଷା ପାଇଁ ମାତୃଭାଷାର ଉନ୍ନତି ଏକାନ୍ତ ଅପରିହାର୍ଯ୍ୟ ବୋଲି ମତ ରଖିଥିଲେ। ଏହି ଅବସରରେ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ମାତୃଭାଷାରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାପାଇଁ ଶପଥପାଠ କରାଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ମୃତ୍ୟୁଞ୍ଜୟ ପ୍ରଧାନ, ଶିକ୍ଷୟିତ୍ରୀ ଦେବସ୍ମିତା ମହାନ୍ତ, ଅନିଷା ବେହେରା ଓ ପୁଷ୍ପାଞ୍ଜଳି ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମାତୃଭାଷା ଦିବସରେ 'ଆସ ପଢ଼ିବା ବର୍ଣ୍ଣବୋଧ' କାର୍ଯ୍ୟକ୍ରମ



**ଉଦଳା, ୨୧।୨(ସମିସ):** ବିଶ୍ୱ ମାତୃଭାଷା ଦିବସ ଅବସରରେ ଉଦଳା ବ୍ଲକ ଅନ୍ତର୍ଗତ ସୁନାପାଳ ଗ୍ରାମରେ ମୌନଧ୍ୱନି ଫାଉଣ୍ଡେସନ୍‌ର ଶିକ୍ଷା କାର୍ଯ୍ୟକ୍ରମ 'ସମାବେଶ ଚାଟଶାଳୀ' ପକ୍ଷରୁ 'ଆସ ପଢ଼ିବା ବର୍ଣ୍ଣବୋଧ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମହିଳା ତଥା ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କ ଓଡିଆ ଭାଷା ଜ୍ଞାନ ବଢ଼ାଇବାର ଆଭିମୁଖ୍ୟ ନେଇ ଏହି ଅଭିନବ ପ୍ରୟାସ କରାଯାଇଥିଲା। ଏଥିରେ ବର୍ଣ୍ଣବୋଧ ବହି ପଠନ ଓ ଲିଖନ କାର୍ଯ୍ୟକ୍ରମ ସହ ଭାଷାଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିସହିତ ଓଡିଆ ଭାଷା ଉପରେ ଆଧାରିତ ଆଲୋଚନାଚକ୍ର ଓ ଢଗଢମାଳି ଆବୃତ୍ତି କରିଥିଲେ। ଗ୍ରାମର ମହିଳାଙ୍କ ମଧ୍ୟରେ ଶ୍ରୁତଲିଖନ ଓ ବର୍ଣ୍ଣବୋଧ ପଠନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବର୍ଣ୍ଣବୋଧ ପୁସ୍ତକ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଯୁବକବି ଦେବେନ୍ଦ୍ର ରାଉଳ, ଚମ୍ପାବତୀ ହାଁସଦା, ଆକାଶ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ବର୍ଣ୍ଣବୋଧ ଆମ ମାତୃଭାଷାର ସାଂସ୍କୃତିକ ଚେତନାର ପ୍ରତୀକ ପାଲଟିଥିବାବେଳେ ପ୍ରତ୍ୟେକ ଓଡ଼ିଆପ୍ରାଣର ସଞ୍ଜୀବନୀ। ସର୍ବଜନାଦୃତ ମାନକ ଓଡ଼ିଆ ଭାଷାର ଶ୍ରେଷ୍ଠ ସଂହିତା। ଓଡ଼ିଆ ବର୍ଣ୍ଣ, ମାତ୍ରା, ଯୁକ୍ତାକ୍ଷର, ବନାନ, ଉଚ୍ଚାରଣ ଓ ଶବ୍ଦ ଗଠନ ଆଦି ଶିକ୍ଷା ପାଇଁ ଏହା ଅତ୍ୟନ୍ତ ଉପାଦେୟ ଓ ଅପରିହାର୍ଯ୍ୟ ବୋଲି ମୌନଧ୍ୱନିର ନିର୍ଦ୍ଦେଶକ ଗୋବିନ୍ଦ ବଲ୍ଲଭ ଦଳାଇ କହିଥିଲେ।

## ପବନରେ ଉଡ଼ିଗଲା ଆଜ୍‌ବେଷ୍ଟସ୍; ଅଳ୍ପକେ ବର୍ତ୍ତିଲେ ପରିବାର

**ରାଇରଙ୍ଗପୁର/ଉପରବେଡା, ୨୧।୨(ସମିସ):** ବୁଧବାର ସନ୍ଧ୍ୟାରେ ଅଦିନିଆ ଝଡତୋଫାନ ଯୋଗୁଁ ହାଟବାଦଡା ପଞ୍ଚାୟତ କାଦୁଆଣୀ ଗ୍ରାମର ମଙ୍ଗଳ ବାସ୍କେଙ୍କ ଘରର ଆଜବେଷ୍ଟସ ଉଡିଯାଇଛି। ହେଲେ ପରିବାର ଲୋକମାନେ ଅଳ୍ପକେ ବର୍ତ୍ତିଯାଇଥିଲେ। ସେହିପରି ଅନ୍ୟ ଜଣେ ମାଳତୀ ମାର୍ଣ୍ଡିଙ୍କ ଘରର ଆଜବେଷ୍ଟସ ମଧ୍ୟ ଭାଙ୍ଗି କ୍ଷତିଗ୍ରସ୍ତ ହୋଇଛି। ଘରେ ଆଶ୍ରୟ ନେଇଥିବା ୭୦ ବର୍ଷୀୟା ବୃଦ୍ଧା ନାଗି ମାର୍ଣ୍ଡିଙ୍କ ଉପରେ ଆଜବେଷ୍ଟସ ପଡ଼ିଯିବାରୁ ସେ ଆହତ ହୋଇଥିଲେ। ପରେ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନରେ ଭର୍ତ୍ତି କରିଥିଲେ ପରିବାର। ଆଜବେଷ୍ଟସ ଖସିପଡ଼ିବାରୁ ଏହି ଦୁଇ ପରିବାରର ଅନ୍ୟାନ୍ୟ ଅସବାବପତ୍ର ଭାଙ୍ଗି କ୍ଷତିଗ୍ରସ୍ତ ହୋଇଛି। ଖବରପାଇ ଗୁରୁବାର ସକାଳେ ହାଟବାଦଡା ସରପଞ୍ଚ ସବିତା ସୋରେନ ଏବଂ ରାଜସ୍ୱ ନିରୀକ୍ଷକ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହିତ ବିପନ୍ନ ପରିବାରକୁ ପଲିଥିନ ପ୍ରଦାନ କରିଛନ୍ତି।



## ବିଶୋଇ: ପରୀକ୍ଷା ଦେଲେ ୯୯୪ ଛାତ୍ରଛାତ୍ରୀ; ୪୧ ଅନୁପସ୍ଥିତ

**ବିଶୋଇ, ୨୧।୨ (ସମିସ):** ଶୁକ୍ରବାରଠାରୁ ରାଜ୍ୟରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ବିଶୋଇ ବ୍ଲକରେ ଚଳିତ ବର୍ଷ ୯୯୪ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ବିଶୋଇ ସରକାରୀ ଏସ୍.ଏସ୍.ଡି ଉଚ୍ଚ ବିଦ୍ୟାଳୟରେ ନୋଡାଲ ସେଣ୍ଟର ରହିଥିବା ବେଳେ ଏହା ଅଧୀନରେ ୭ଟି ପରୀକ୍ଷାକେନ୍ଦ୍ର ରହିଛି। ନୋଡାଲ ସେଣ୍ଟରରେ ବିଶୋଇ ଏସ୍.ଏସ୍.ଡି ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୬୭ ଜଣ, ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୮୮ ଜଣ, ଚଟାଣି ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୩୫ ଜଣ, ମଣଦା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୨୪ ଜଣ, ଅସନା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୫୭ ଜଣ, ବନେଇକଳା ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୬୪ ଜଣ ସମୁଦାୟ ୧୦୩୫ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାର ଥିଲା। ସେଥିମଧ୍ୟରୁ ଆଜି ୯୯୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୧ ଜଣ ଅନୁପସ୍ଥିତ ଥିଲେ। ସେହିପରି ବିଜାତଳା ବ୍ଲକ ଲିହାଶିଳା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୫୩ ଜଣ ପରୀକ୍ଷା ଦେଇଛନ୍ତି। ନୋଡାଲ ଅଧିକାରିଣୀ ଦାୟିତ୍ୱରେ ଥିବା ବିଶୋଇ ଏସ୍.ଏସ୍.ଡି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାନ୍ତିପ୍ରଭା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ସମସ୍ତ ପରୀକ୍ଷା ପରିଚାଳନା ହୋଇଛି। ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ଖୋଲାଯାଇ ସମସ୍ତ ସେଣ୍ଟରକୁ ପଠାଯାଇଥିଲା।

## କ୍ରୀଡ଼ା ସଂସଦ ପକ୍ଷରୁ ବରିଷ୍ଠ ଖେଳାଳିଙ୍କୁ ସମ୍ବର୍ଦ୍ଧନା



**କରଞ୍ଜିଆ, ୨୧।୨(ସମିସ):** କରଞ୍ଜିଆ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଖେଳୁଥିବା ୧୫ ଜଣ ଖେଳାଳିଙ୍କୁ ଶୁକ୍ରବାର ଆୟୋଜିତ ଏକ ବୈଠକରେ ସଂସଦ ଉପସଭାପତି ଡ଼ା: ଜନାର୍ଦ୍ଦନ ଚୌଧୁରୀଙ୍କ ଆର୍ଥିକ ସହାୟତାରେ ଜର୍ସି, ଟ୍ରାକସୁଟ୍ ଓ ଜ୍ୟାକେଟ ପ୍ରଦାନ କରାଯାଇଛି। ବରିଷ୍ଠ ଖେଳାଳି ଶ୍ରୀକାନ୍ତ ପରିଡ଼ା, ଡ଼ା: ଜନାର୍ଦ୍ଦନ ଚୌଧୁରୀ ଓ ପ୍ରଭାକର ବାଗସିଂଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଖେଳାଳିଙ୍କୁ ଉପସଭାପତି ଡ଼ା: ଚୌଧୁରୀ ଉତ୍ସାହିତ କରି ସବୁବେଳେ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରି କ୍ରୀଡ଼ା ସଂସଦର ସୁନାମ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ଅକ୍ଟୋବର ମାସ ବେଳକୁ ଜ୍ୟାକେଟ ପ୍ରଦାନ କରିବାକୁ ଘୋଷଣା କରିଥିଲେ। ବରିଷ୍ଠ ଖେଳାଳି ଶ୍ରୀକାନ୍ତ ପରିଡ଼ା ଖେଳାଳିଙ୍କୁ ସବୁବେଳେ ସମନ୍ୱୟ ରକ୍ଷା କରି ଭଲ ଖେଳ ପ୍ରଦର୍ଶନ କରିବା ପାଇଁ ଉପଦେଶ ଦେଇଥିଲେ। କାବୁଲ ଚନ୍ଦ୍ର ରାଉଳ, ଟୁଟୁ ମେହେର, କଲ୍ୟାଣ କୁମାର ନାଏକ, ରାଜା ସିଂହ, ବିଶ୍ୱଜିତ ଦାସ ଅଧିକାରୀ ସହଯୋଗ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଠାକୁରମୁଣ୍ଡା ବ୍ଲକ୍ ଓ କେଶଡିହା ପଞ୍ଚାୟତରେ ଝୁଲୁଛି ତାଲା

**ମହୁଲଡିହା, ୨୧।୨(ସମିସ)**

ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ଏବଂ କେଶଡିହା ପଞ୍ଚାୟତରେ ତାଲା ଝୁଲୁଥିବା ଦେଖାଯାଇଛି। ୨୧ ତାରିଖ ସକାରେ ବିଡିଓ ବ୍ଲକ କାର୍ଯ୍ୟାଳୟର ତାଲା ଖୋଲିବା ପାଇଁ ଠାକୁରମୁଣ୍ଡା ଥାନାକୁ ସହାୟତା ଲୋଡିଥିଲେ। ପରେ ପୁଲିସ ଉପସ୍ଥିତିରେ ତାଲା କଟାଗଲା। ପରେ କାର୍ଯ୍ୟାଳୟକୁ ପ୍ରବେଶ କରିଥିଲେ ବ୍ଲକ କର୍ମଚାରୀ। ସେହିପରି କେଶଡିହା ଗ୍ରାମପଞ୍ଚାୟତରେ ମଧ୍ୟ ତାଲା ଝୁଲୁଛି। ପରେ ସେଠାରେ ମଧ୍ୟ ତାଲା ଭଙ୍ଗାଯାଇଥିଲା। ସକାଳେ ଏ ଘଟଣା ଘଟିଥିଲେ ମଧ୍ୟ ସନ୍ଧ୍ୟାରେ ବିଡ଼ିଓ ଏତଲା ଦାଏର କରିଥିବା ଜଣାପଡ଼ିଛି। ଘଟଣାରୁ




ପ୍ରକାଶ ଯେ, ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ଖୋଲିବାକୁ ଆସିବା ବେଳେ ଅନ୍ୟ ଏକ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଲା ଉପରେ କାଗଜରେ ୧୫ ନମ୍ବର ୱାର୍ଡ ସଭ୍ୟ କେଶଡିହା ବୋଲି ଲେଖାଥିଲା। ତାଙ୍କ ୱାର୍ଡରେ ବିକାଶ ନ ପହଞ୍ଚିବା କାରଣରୁ ସେ ପ୍ରତିବାଦ ସ୍ୱରୂପ ବ୍ଲକ କାର୍ଯ୍ୟାଳୟ ଓ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ତେବେ କେଶଡିହା ଗ୍ରାମପଞ୍ଚାୟତର ନଂ ୧୫ ୱାର୍ଡ ସଭ୍ୟ ବୁଧୁ ଦଣ୍ଡପାଟ ପୂର୍ବରୁ ନଜଣାଇ ହଠାତ ଏପରି ପଦକ୍ଷେପ ନେଇ ଫେରାର ହୋଇଯାଇଛନ୍ତି। ତେବେ ଗ୍ରାମପଞ୍ଚାୟତ ତରଫରୁ ଏତଲା ଥାନାରେ ଦିଆଯାଇ ନ ଥିବା ମହୁଲଡିହା ଥାନା ଅଧିକାରୀ ଅଶୋକ କୁମାର ପହି ସୂଚନା ଦେଇଛନ୍ତି। ବିଡିଓ ସ୍ୱପ୍ନେଶ୍ୱର ବେହେରା ସନ୍ଧ୍ୟାରେ ଥାନାକୁ ଏତଲା ପଠାଇଥିବା ସୂଚନା ଦେଇଛନ୍ତି। ମିଟୁଆଣୀ ଗ୍ରାମ ଖେଡ଼ିଆପଶି ନଂ ୧୫ ୱାର୍ଡର ସଭ୍ୟ ବୁଧୁ ଦଣ୍ଡପାଟଙ୍କ ସହିତ କୋଣସି ଯୋଗାଯୋଗ ହୋଇପାରି ନ ଥିବାରୁ ତାଲା ପକାଇବାର ଅସଲ କାରଣ ଜଣାପଡ଼ିନାହିଁ।

## ବିଭିନ୍ନ ସ୍ଥାନରେ ଅବକାରୀ ଚଢ଼ଉ

**ମୋରଡା, ୨୧।୨(ସମିସ):** ମୟୂରଭଞ୍ଜ ଜିଲା ମୋରଡା ଅବକାରୀ, ବେତନଟୀ, ଦେଉଳି ଅବକାରୀ ବିଭାଗ, ବାରିପଦା ମୋବାଇଲ ସ୍କ୍ୱାଡ, ଏପିଆର ଫୋର୍ସ, ସଦର ଅବକାରୀ ଥାନା ମିଳିତ ଭାବେ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢାଉ କରିଛି। ମୋରଡ଼ା ବ୍ଲକ ଅଧୀନ ହାଣ୍ଡିଭଙ୍ଗା, ଭାଲୁକଚୁଆ ଗ୍ରାମରେ ବେଆଇନ ଭାବେ ଚାଲିଥିବା ବିଭିନ୍ନ ମଦ ଭାଟି ଉପରେ ଚଢ଼ଉ କରି ୮୩୦୦ ଲିଟର ମହୁଲ ପୋଚ ଓ ୩୫୦ ଲିଟର ଦେଶୀ ମଦ ମଧ୍ୟ ନଷ୍ଟ କରିଛି। ସେହିପରି ମଦ ତିଆରି ପାଇଁ ବ୍ୟବହୃତ ୩୦ରୁ ଅଧିକ ଡ୍ରମ ମଧ୍ୟ ଜବତ କରାଯାଇଛି। ଏନେଇ ମୋରଡ଼ା ଅବକାରୀ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି।

## ମହାଶିବରାତ୍ରି ପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି

# ଜାଗର ଆସିଲେ ମନେପଡ଼ନ୍ତି ବାବା କଖାରୁଆ ବୈଦ୍ୟନାଥ

ବଡ଼ସାହି,୨୧।୨(ସମିସ)



ବାବାଙ୍କ ନାମ ସ୍ମରଣ କଲେ ରୋଗ ବୈରାଗ୍ୟରୁ ମୁକ୍ତି ମିଳେ। ବାବାଙ୍କ ନାମ ଜପ କଲେ ଅପୁତ୍ରିକକୁ ପୁତ୍ର ପ୍ରାପ୍ତି ହୋଇଥାଏ। ବାବାଙ୍କ ଚରଣାଶ୍ରିତ ହେଉଥିବା ଭକ୍ତଙ୍କୁ ଆସନ୍ନ ବିପଦରୁ ମୁକ୍ତି ତଥା ମନକୁ ଶାନ୍ତି ମିଳେ। ଦୂରାରୋଗ୍ୟ ରୋଗରେ ପୀଡିତ ସବୁଆଡୁ ନିରାଶ ହୋଇ ଏଠାରେ ପହଞ୍ଚିଲେ ରୋଗ ଭଲ ହୋଇଯାଏ ବୋଲି ବିଶ୍ୱାସ ରହିଛି। ତେଣୁ ଜାଗର ଆସିଲେ ମୟୂରଭଞ୍ଜ ଜିଲା ବଡସାହି ବ୍ଲକ ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥଙ୍କୁ ମନେ ପକାନ୍ତି ଭକ୍ତ। ତିନିମାଣ ଜମି ଉପରେ ଅବସ୍ଥିତ ମନ୍ଦିରକୁ ଲାଗି ରହିଛି ଗଙ୍ଗାହାର ନଦୀର ଅଂଶ ଏକ ଜଳାଶୟ (କୁଣ୍ଡି)। କିମ୍ବଦନ୍ତୀ ଅନୁସାରେ ୧୪୦୦ ଖ୍ରୀଷ୍ଟାବ୍ଦରେ ପଶ୍ଚିମ ଦେଶର ଗଜପତି ବଂଶର କଖାରୁଆ ଦେବ ଶିବ ମନ୍ଦିର ନିର୍ମାଣ କରିଥିଲେ। ରାଜା କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇ ବାବାଙ୍କ ଶରଣରେ ପଶିଥିଲେ। ରାଜାଙ୍କର ରୋଗ ଉପଶମ ହେବା ପରେ ସ୍ୱପ୍ନାଦେଶ ଅନୁଯାୟୀ ଗଙ୍ଗାହାର ନଦୀତଟ କଖାରୁ ଗଛ ମୂଳରୁ ମିଳିଥିବା ଶିବଲିଙ୍ଗଙ୍କୁ ମନ୍ଦିରରେ ପ୍ରତିଷ୍ଠା କରିଥିଲେ। ଚତୁଃପାଶ୍ୱର୍ରେ ଗଡ ପରିକ୍ରମା ବେଢା ସାଙ୍ଗକୁ ଉଚ୍ଚ ନହବତ ବାଦ୍ୟ ଗୃହ ନିର୍ମାଣ ମଧ୍ୟଯୁଗୀୟ ଚିନ୍ତାଧାରାର ଉଦାହରଣ। ମନ୍ଦିରର ଉଚ୍ଚତା ୬୩ ଫୁଟ ୬ଇଞ୍ଚ ଥିବା ବେଳେ ମନ୍ଦିର ମଧ୍ୟରେ ଅଷ୍ଟଦଳ ପଦ୍ମଯୁକ୍ତ ସୂର୍ଯ୍ୟ ମଣ୍ଡଳ ଓ କୋଣାର୍କ ମନ୍ଦିର ଶୈଳୀରେ ସୂର୍ଯ୍ୟନାରାୟଣଙ୍କ ବିଗ୍ରହ ବିଦ୍ୟମାନ। ପାର୍ବତୀ ମନ୍ଦିରରେ ଦେବୀ ଚର୍ତୁଭୂଜା ପୂଜା ପାଉଛନ୍ତି। ପାଶ୍ୱର୍ ଦେବତା ଭାବେ ଗଣେଶ, କାର୍ତ୍ତିକ, ଦୁର୍ଗା, ଲୋକନାଥ, ବରାହନାଥ, ସ୍ୱପ୍ନେଶ୍ୱରନାଥ, କୁଣ୍ଡେଶ୍ୱର, ମଲ୍ଲୁକନାଥ ଓ ଶ୍ରାବଣୀ ମହାଦେବ ନିତ୍ୟ ପୂଜିତ। ୧୫୫୬ ଖ୍ରୀଷ୍ଟାବ୍ଦରେ ମୟୂରଭଞ୍ଜ ରାଜା ବୈଦ୍ୟନାଥ ଭଞ୍ଜ ଶ୍ରୀ ଚୈତନ୍ୟଙ୍କ ସଂସ୍ପର୍ଶରେ ଆସି ବୈଷ୍ଣବ ଧର୍ମ ଗ୍ରହଣ କରିବା ପରେ ଶିବ ମନ୍ଦିରକୁ ଲାଗି ନାଟମନ୍ଦିର ଓ ଜଗନ୍ନାଥ ମନ୍ଦିର ନିର୍ମାଣ କରି ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ପ୍ରତିଷ୍ଠା କରିଥିଲେ। ସେବେଠାରୁ ଏହା ହରିହର ପୀଠ ନାମରେ ପ୍ରସିଦ୍ଧି ଲାଭ କରିଛି। ମନ୍ଦିରର ରକ୍ଷଣାବେକ୍ଷଣ, ପରିଚାଳନା, ପୂଜାନିତି ଓ ପର୍ବପର୍ବାଣି ପାଇଁ ରାଜା ୧୩ଶହ ଏକର ଜମି ଜାଗିରି ଭାବେ ଖଞ୍ଜି ୭୪ ଜଣ ସେବାୟତଙ୍କୁ ନିଯୁକ୍ତି କରିଛନ୍ତି। ବିଶେଷ କରି ଏହି ମନ୍ଦିର କାର୍ତ୍ତିକ ପୂର୍ଣ୍ଣିମା, ଶିବରାତ୍ରି ଓ ରଥଯାତ୍ରା ପାଇଁ ଏହି ପୀଠ ଚଳଚଞ୍ଚଳ ହୋଇ ଉଠେ। ଆସନ୍ତା ଶନିବାର ମହାଶିବରାତ୍ରି। ଏଥିପାଇଁ ଏହି ମନ୍ଦିରକୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ ଏବଂ ୧୫ଦିନ ଧରି ମେଳା ଚାଲିବ। ମନ୍ଦିରର ଆୟ କହିଲେ ଜାଗିରି ଜମିରୁ ମିଳୁଥିବା ଧାନ ଓ ମନ୍ଦିରରୁ ମିଳୁଥିବା ବାର୍ଷିକ ଆୟ ବର୍ତ୍ତମାନ ମୟୂରଭଞ୍ଜ ଦେବୋତ୍ତର ବିଭାଗର ମୁଖ୍ୟ ବୃହତ ଅଂଶ; ତଥାପି ମନ୍ଦିରର ଆଖିଦୃଶିଆ ବିକାଶ ହୋଇନାହିଁ। ପୂର୍ବତନ ମୂଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି ଯୋଜନାରେ ଏହି ମନ୍ଦିରର ଉନ୍ନତିକରଣ ପାଇଁ ୧କୋଟି ଟଙ୍କା ମଞ୍ଜୁର କରିଥିଲେ। ସେଥିରୁ ୮୨ ଲକ୍ଷ ଟଙ୍କାରେ ମନ୍ଦିରର ବିଭିନ୍ନ କାମ ହୋଇଥିବା ପରିଛା ପ୍ରଦୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ଗତ ୨୦୦୭ ମସିହାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମଧ୍ୟ ମିଳିଛି। ମାତ୍ର ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେଉ ନ ଥିବାରୁ ଏହା ଘୋଷଣାରେ ସୀମିତ ରହିଛି। ସେହିପରି ୨୦୦୮ରେ ମନ୍ଦିର ଉନ୍ନୟନ କମିଟି ଗଠନ ହୋଇ ପାରିପାର୍ଶ୍ୱିର୍କ ଉନ୍ନତି ଯଥା- ମନ୍ଦର ସଂଲଗ୍ନ କୁଣ୍ଡିର ପୁନରୁଦ୍ଧାର, ଉଭୟ ପାଶ୍ୱର୍ରେ ପଥର ପ୍ୟାଚିଂ, ବୋଟିଂ ବ୍ୟବସ୍ଥା, ଉଦ୍ୟାନ ନିର୍ମାଣ, ପାନ୍ଥ ନିବାସ, ମାର୍କେଟ କମ୍ପ୍ଲେକ୍ସ ଓ ପ୍ରବେଶ ପଥରେ ପକ୍କା ତୋରଣ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲେ ହେଁ ତାହା ଶୀତଳ ଭଣ୍ଡାରରେ ପଡିଛି। ଚଳିତ ବର୍ଷ ପଂଚାୟତ ତରଫରୁ କଲ୍ୟାଣ ମଣ୍ଡପ ଓ ଶୌଚାଳୟ ଗୁଡିକର ମରାମତି ହୋଇଥିବା ବେଳେ ମନ୍ଦିରକୁ ସଂଲଗ୍ନ କରୁଥିବା ମୁଖ୍ୟ ରାସ୍ତା ଗୁଡିକ କଂକ୍ରିଟ ଓ ପିଚ କାମ ଅଧାରେ ରହିଛି। ମ.ଇ ବିଦ୍ୟାଳୟ ଠାରୁ ଛକ ପର୍ଯ୍ୟନ୍ତ ରାସ୍ତା କାମ ହୋଇ ନାହିଁ। ଫଳରେ ବର୍ଷା ହେଲେ ସେହି ରାସ୍ତାରେ ପାଣି ଜମା ହେବା ସହିତ ଭକ୍ତମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ପରିଛା ପ୍ରଦୀପ କୁମାର ପଣ୍ଡା କ୍ଷୋଭ ପ୍ରକାଶ କରିଛନ୍ତି।

## ଘର ଅଗଣାରେ ପଡ଼ିଛି ଚାଷୀଙ୍କ ବିହନ ଓ ସାର ପକେଟ



**ଠାକୁରମୁଣ୍ଡା, ୨୧।୨(ସମିସ):** ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଜରକ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଅଗଣାରେ ଚାଷୀଙ୍କ ବିହନ ଓ ସାର ପକେଟ ପଡିଛି।

ଘଟଣାରୁ ପ୍ରକାଶ ଯେ, ୨୦୨୩-୨୪ ବର୍ଷ ନିମନ୍ତେ ଚାଷୀଙ୍କୁ ରବି ଚାଷ ପାଇଁ ଦିଆଯାଇଥିବା ବିହନ ଓ ସାର କୃଷକଙ୍କୁ ଦିଆ ନ ଯାଇ ବାହାରେ ପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କୃଷକ ସାଥୀ ଜଣଙ୍କ ଘର ଆଗରେ ଫୋପାଡି ଦେଇଥିବା ଅଭିଯୋଗ ହୋଇଛି। ଏସବୁକୁ କୃଷକ ସାଥୀ ଚାଷୀଙ୍କୁ ବିତରଣ କରି ନପାରି ହଜାର ହଜାର ଟଙ୍କାର ଜିନିଷକୁ ଅଦରକାରୀ ଭାବରେ ରଖିଛନ୍ତି। ଏହି ଅଭିଯୋଗ ପାଇବା ପରେ ଠାକୁରମୁଣ୍ଡା କୃଷି ଅଧିକାରୀ ତଦନ୍ତ କରିବା ସହିତ ବାହାରେ ପଡ଼ିଥିବା ବିହନ ଓ ସାରକୁ ଚାଷୀଙ୍କୁ ବିତରଣ କରିବାର ବ୍ୟବସ୍ଥା କରାଯାଉ ଥିବା ପ୍ରକାଶ କରିଛନ୍ତି। ଘଟଣାର ତଦନ୍ତ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ଜିବି ନଗର ଓ ଖୁଣ୍ଟା ବ୍ଲକର ୧୧ କେନ୍ଦ୍ରରେ ୧୭୬୨ ପରୀକ୍ଷାର୍ଥୀ

**କୁଆମରା,୨୧।୨(ସମିସ):** ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଏଥିପାଇଁ ଗୋପବନ୍ଧୁ ନଗର ଓ ଖୁଣ୍ଟା ବ୍ଲକର୍ ମୋଟ ୧୧ଟି କେନ୍ଦ୍ରରେ ୧୮୨୭ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ଆଜି ପ୍ରଥମ ଦିବସରେ ୧୭୬୨ ପରୀକ୍ଷା ଦେଇଛନ୍ତି; ହେଲେ ୬୫ ଜଣ ଅନୁପସ୍ଥିତ ରହିଛନ୍ତି। ଗୋପବନ୍ଧୁ ନଗର ବ୍ଲକର ଖୁଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୦ ପରୀକ୍ଷା ଦେବାକୁ ଥିବା ବେଳେ ୭ ଜଣ ଅନୁପସ୍ଥିତ ଅଛନ୍ତି। ଖୁଣ୍ଟା ହାଇସ୍କୁଲରେ ୧୯୮ରୁ ୧୦ ଅନୁପସ୍ଥିତ ଅଛନ୍ତି। କୁଆମରା ବାଳିକା ଉଚ୍ଚ ବିଦ୍ୟାଳୟରେ ୧୭୦ରୁ ୪, କୁଶଳଦା ହାଇସ୍କୁଲରେ ୧୪୪ରୁ ୪, ପୁରୁଣା ବାରିପଦା ରିଜିଓନାଲ ଏକାଡେମୀରେ ୧୭୬ରୁ ୪ ଏବଂ କୁଆମରା ହାଇସ୍କୁଲରେ ୧୫୮ରୁ ୧୨ ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ଖୁଣ୍ଟା ବ୍ଲକର ୫ଟି ପରୀକ୍ଷା କେନ୍ଦ୍ରରେ ମୋଟ ୭୮୧ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ୭୫୭ ଜଣ ପରୀକ୍ଷା ଦେଇଥିବାବେଳେ ୨୪ ଜଣ ବିଭିନ୍ନ କାରଣରୁ ଅନୁପସ୍ଥିତ ଅଛନ୍ତି। ବିପ୍ରଚରଣ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୧୭୩ ପରୀକ୍ଷା ଦେବାକୁ ଥିବା ବେଳେ ୪ ଜଣ ଅନୁପସ୍ଥିତ ଅଛନ୍ତି। ଡୁକୁରା୍ ହାଇସ୍କୁଲରେ ୧୬୮ରୁ ୨ ଅନୁପସ୍ଥିତ, ବୃନ୍ଦାବନ ଚନ୍ଦ୍ରପୁର ଏସ୍ ଏସ୍ ଡି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୭୮ରୁ ୬ ଅନୁପସ୍ଥିତ, ଧାନଘେରା ଉଚ୍ଚ ବିଦ୍ୟାଳୟରେ ୧୫୭ରୁ ୯ ଅନୁପସ୍ଥିତ ଓ ବଡପଥରା ପଞ୍ଚାୟତ ନିଉ ସରକାରୀ ତାଡକି ଝରଣ ହାଇସ୍କୁଲରେ ୧୦୫ ପରୀକ୍ଷାର୍ଥୀ ମଧ୍ୟରୁ ୩ ଅନୁପସ୍ଥିତ ଅଛନ୍ତି। ତେବେ ଉଭୟ ବ୍ଲକର ୧୧ ଟି ପରୀକ୍ଷା କେନ୍ଦ୍ରକୁ ନେଇ ଖୁଣ୍ଟା ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଭାବେ କାର୍ଯ୍ୟ କରୁଛି। ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ପାତ୍ର ପରିଚାଳନା ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି।

## ଏମ୍‌ପିସି କଲେଜରେ ଛାତ୍ରୀ ଆତ୍ମରକ୍ଷା ଶିବିର ଉଦଘାଟିତ




**ବାରିପଦା, ୨୧।୨(ସମିସ):** ବାରିପଦା ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ସଚେତନତା ନେଇ ଏକ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ ପୌରୋହିତ୍ୟ କରି ସାମ୍ପ୍ରତିକ ସମୟରେ ଅପରାଧ ପ୍ରବଣତା ସାମାଜରେ ବଢ଼ି ଚାଲିଛି, ଛାତ୍ରୀମାନେ ସୁରକ୍ଷା ନେଇ ଦୈନନ୍ଦିନ ଜୀବନରେ ଅନେକ ଆହ୍ୱାନକୁ ସାମ୍ନା କରୁଛନ୍ତି। ଏ କ୍ଷେତ୍ରରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମଞ୍ଚାସୀନ ଶୈକ୍ଷିକ ମୁଖ୍ୟ ଡ.ଆଲବେର୍ଟିନା ତିର୍କୀ, ପ୍ରଶାସନିକ ମୁଖ୍ୟ ଡ. ଦୀପକ କୁମାର ବେହେରା, ବିତ୍ତୀୟ ମୁଖ୍ୟ ଡ. ଆଶୁତୋଷ ପ୍ରୟାସ ଦାଶ, କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମର ଉପଯୋଗୀତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସଂଯୋଜିକା ରୀନା ମୁର୍ମୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସହ ସଂଯୋଜିକା ଡ. ରୂପସା ମହାପାତ୍ର ଏବଂ ଛନ୍ଦିତା ବିଶ୍ୱାଳ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିଲେ। ଏହି ଆତ୍ମ ସୁରକ୍ଷା ଶିବିର ୮ ଦିନ ଧରି ଚାଲିବ।

## ଶିକ୍ଷକଙ୍କ ଏକାଦଶାହରେ ସ୍ମୃତିସଭା

**ଖୁଣ୍ଟିଂ, ୨୧।୨(ସମିସ):** ରରୁଆଁ ବ୍ଲକ ତୋଟାସାହି ଗ୍ରାମରେ ଜନ୍ମିତ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ମହାନ୍ତ (୮୦)ଙ୍କ ଗତ ୯ ତାରିଖରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ଅଞ୍ଚଳର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଜଡିତ ଥିଲେ। ଶୁକ୍ଳି ମା' କୀଚକେଶ୍ୱରୀ ସାହିତ୍ୟ ସମାଜର ସେ ମୁଖ୍ୟ ଉପଦେଷ୍ଟା ଥିଲେ। ସେ ଜଣେ ଉଚ୍ଚକୋଟୀର ସାହିତ୍ୟିକ ତଥା ବାଗ୍ମୀ ବ୍ୟକ୍ତି ଭାବରେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କର ସାରସ୍ୱତ ସାଧନାରୁ ସର୍ବଜନବିଦିତ ଛାନ୍ଦ କାବ୍ୟ 'ପଲ୍ଲୀବଧୂ'ର ସୃଷ୍ଟି। ଏହା ବ୍ୟତୀତ ଅନେକ ପତ୍ରପତ୍ରିକାର ସମ୍ପାଦନା ମଧ୍ୟ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ସୁଲେଖକ, ଆୟୁର୍ବେଦ ଚିକିତ୍ସକ ତଥା ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ଗତ ୧୯ ତାରିଖରେ ତାଙ୍କ ବାସଭବନରେ ଅନୁଷ୍ଠିତ ଏକାଦଶାହରେ ଶୁକ୍ଳି ମା' କୀଚକେଶ୍ୱରୀ ସାହିତ୍ୟ ସମାଜର କାର୍ଯ୍ୟକର୍ତ୍ତାମାନେ ଯୋଗଦାନ କରି ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରିଥିଲେ।



## ବନ୍ୟପ୍ରାଣୀ ସୁରକ୍ଷା ସଚେତନତା



**କରଞ୍ଜିଆ,୨୧।୨(ସମିସ):** ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଉତ୍ତର ଶିମିଳିପାଳ ବନ୍ୟଜନ୍ତୁ ବନଖଣ୍ଡର କେନ୍ଦୁମୁଣ୍ଡି ବନାଞ୍ଚଳ କାର୍ଯ୍ୟାଳୟରେ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଠାକୁରମୁଣ୍ଡା ବନ୍ୟଜନ୍ତୁ ବନାଞ୍ଚଳ ଅଧିକାରୀ ଦୁର୍ଗା ଚରଣ ବାସ୍କେ, ବନପାଳ ହୃଷିକେଶ ବାରିକ, କରଞ୍ଜିଆ ଅଗ୍ନିଶମ ଅଧିକାରୀ ଦୀପକ ଜେନା, ଅଗ୍ନିଶମ ଅଧିକାରୀ ନିକୁଞ୍ଜ ବିହାରୀଙ୍କ ସମେତ କେନ୍ଦୁମୁଣ୍ଡି ବନାଞ୍ଚଳର ସମସ୍ତ ବନପାଳ, ବନରକ୍ଷୀ, ୪୦ ଜଣ ଫାୟାର ଫାଇଟର, ୧୫ ଜଣ ପ୍ରୋଟେକ୍ସନ ଆସିଷ୍ଟାଣ୍ଟ, ୨୨ ଜଣ ଅଫିସିଆଲ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ସୁବ୍ରତ ବିଶ୍ୱାଳ ଯୋଗଦେଇ କର୍ମଚାରୀଙ୍କୁ ବନାଗ୍ନି ନିବାରଣ ଓ ଜଙ୍ଗଲ ସୁରକ୍ଷା ଉପରେ ତାଲିମ ଦେଇଥିଲେ।

## ଜଙ୍ଗଲ ନିଆଁର ପ୍ରତୀକାତ୍ମକ ସଚେତନତା ଶିବିର



**ମହୁଲଡିହା,୨୧।୨(ସମିସ):** ଖରା ବଢ଼ିବା ସହ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଜଙ୍ଗଲ ନିଆଁର ସଚେତନାତ୍ମକ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ପରିପ୍ରେକ୍ଷୀରେ କରଞ୍ଜିଆ ବନଖଣ୍ଡ ସଂଯୋଜନାରେ ସାତକୋଶିଆ ବନାଞ୍ଚଳ ମହୁଲଡିହା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଭାଲିଆଡାଳଠାରେ ଜଙ୍ଗଲକୁ ନିଆଁ କବଳରୁ ପ୍ରତିକାର ଓ ପରିଚାଳନା ନିମନ୍ତେ ଗ୍ରାମବାସୀଙ୍କୁ ଦକ୍ଷତା ବୃଦ୍ଧି ତାଲିମ ଶିବିର ୨୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ସାତକୋଶିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ ଯୋଗ ଦେଇଥିଲେ। ନିଆଁ ସର୍ବଦା ମନୁଷ୍ୟକୃତ ହୋଇଥିବାରୁ ଫେବୃଆରୀଠାରୁ ଜୁନ ମଧ୍ୟରେ ଶିମିଳିପାଳ ଭଳି ଜୈବମଣ୍ଡଳକୁ ସୁରକ୍ଷା ଦେବାକୁ ନିବେଦନ କରିଥିଲେ। ଜଙ୍ଗଲ ନିଆଁ ଓ ଶିକାର ରୋକିବା ଦିଗରେ ଗ୍ରାମବାସୀ ବଳିଷ୍ଠ ପଦକ୍ଷେପ ନେବେ ବୋଲି ଶ୍ରୀ ନାଏକ କହିଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ଉପାଧକ୍ଷ ସନ୍ତୋଷ ମହାନ୍ତ, ସରପଞ୍ଚ ଜାହ୍ନବୀ ସୟ, ସମିତିସଭ୍ୟ ବାମିଆ ବାନରା, ଆରସିଡିସିର କାର୍ଯ୍ୟକ୍ରମ ପରିଚାଳକ ଆନନ୍ଦ ସେଠୀ, ସୁବ୍ରତ ବିଶ୍ୱାଳ, ସମସ୍ତ ବନ ସୁରକ୍ଷା ସମିତିର ସଦସ୍ୟ/ସଦସ୍ୟା ଯୋଗଦେଇ ସଚେତନତା ବାର୍ତ୍ତା ଦେଇଥିଲେ। ବନପାଳ ବିଶ୍ୱଜିତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ମାତୃଭାଷା ଦିବସ/ ମାତୃଭୂମି ଓ ମାତୃଭାଷା ସ୍ୱର୍ଗଠାରୁ ଗରିୟାନ



**ବଡ଼ସାହି,୨୧।୨(ସମିସ):** କଳା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ବାଣୀପୀଠ, ବଡସାହିର ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଏକାଡେମୀ ଆନୁକୂଲ୍ୟରେ ବାଣୀଭବନଠାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଛି। ଡ. କୁମାର ବାବୁଲି ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଅଧ୍ୟାପକ ଲିଙ୍ଗରାଜ ନାୟକ ଯୋଗ ଦେଇ ମାଆ, ମାତୃଭୂମି ଓ ମାତୃଭାଷା ସ୍ୱର୍ଗଠାରୁ ଗରିୟସୀ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋପବନ୍ଧୁନଗର ପ୍ରେସ କ୍ଲବ ସଭାପତି ନିମାଇଁ ପ୍ରସାଦ ଦାଶ, ଆଦରଣୀୟ ଅତିଥି ଭାବେ ଯୋଗାଚାର୍ଯ୍ୟ ସତ୍ୟାନନ୍ଦ ପଣ୍ଡିତ ଓ ସମ୍ମାନିତ ଅତିଥି ଭାବେ କବି କାର୍ତ୍ତିକ ସେଠୀ, ଗୁରୁଜୀ ଦୀପକ ଦାସ, ସୁବ୍ରତ ବଳିଆରସିଂହ ଓ ରଣଜିତ୍ ମହାନ୍ତି ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯା ତଥା ପଲ୍ଲୀପ୍ରଭାର ସଂପାଦିକା ପୁହାଣ ସୂର୍ଯ୍ୟକାନ୍ତି ରାଉତ ମାତୃଭାଷା ହିଁ ଓଡ଼ିଆ ଜାତିର ଜୀବନୀ ଶକ୍ତି ଓ ଆମ ମାତୃଭାଷା ଓଡ଼ିଆ ଅସାଧାରଣ ଏବଂ ଅନନ୍ୟ ବୋଲି କହିଥିଲେ। ବୀଣାପାଣି ବାରିକ, ରୀନା ଷଡ଼ଙ୍ଗୀ, ବୃନ୍ଦାବତୀ ନାୟକ ଓ ମଳୟ ମଞ୍ଜରୀ ରଥ ଶପଥ କରାଇଥିଲେ। ଏହି ଅବସରରେ ପ୍ରବନ୍ଧ, ବକ୍ତୃତା ଓ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରେଳଧାରଣା କଡ଼ରୁ ଗଳିତ ମୃତଦେହ ଉଦ୍ଧାର

**ବାରିପଦା, ୨୧।୨(ସମିସ):** ରଙ୍ଗାମାଟିଆ ଅଞ୍ଚଳରେ ରେଳ ଧାରଣା ପାଶ୍ୱର୍ରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ରେଳବାଇ ପୁଲିସ ମୃତଦେହକୁ ଉଦ୍ଧାର କରିଥିଲେ। ପରେ ପିଆରଏମ ହସ୍ପିଟାଲରେ ଅଣାଯାଇ ଶବ ବ୍ୟବଚ୍ଛେଦ କରାଯିବା ପରେ ଚିହ୍ନଟ ପାଇଁ ମୃତଦେହ ସଂରକ୍ଷିତ କରି ରଖାଯାଇଛି। ମୃତକଙ୍କ ବୟସ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଶବଟି ରେଳଧାରଣା କଡ଼ରେ ୩/୪ଦିନ ହେବ ପଡିଥିବା ନେଇ ସନ୍ଦେହ କରାଯାଉଛି। ଏନେଇ ବାଲେଶ୍ୱର ଜିଆରପି ଥାନାରେ ଏକ ମାମଲା ରୁଜୁ ହୋଇଛି।

## ପ୍ରକଳ୍ପ ପାଇଁ ଗ୍ରାମ୍ୟରାସ୍ତା ମରଣଯନ୍ତା

**ଖୁଣ୍ଟିଂ, ୨୧।୨(ସମିସ):** ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଆନୁକୂଲ୍ୟରେ ଶୁକ୍ଳି ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଗ୍ରାମ ନିକଟ ବୈତରଣୀ କୂଳରେ ନିର୍ମାଣ ହେଉଛି ଜଳ ଯୋଗାଣ ପ୍ରକଳ୍ପ। ଏହି ପ୍ରକଳ୍ପ ଡିଶା ଖଣିଜ ଧାରକ ଉନ୍ନୟନ ସଂସ୍ଥା (ଓମ୍ବାଡସି) ଯୋଜନାରେ ପ୍ରତି ପରିବାରକୁ ପାଇପ ଯୋଗେ ପାଣି ଯୋଗାଇବା ନିମନ୍ତେ ନିର୍ମାଣ ହେଉଛି। ଏହି ପ୍ରକଳ୍ପ ପାଇଁ ୧,୫୧,୪୩,୨୮,୨୪୦.୦୦ ଟଙ୍କାର ଅର୍ଥ ବରାଦ ହୋଇଥିବା ବେଳେ ଏହା କାର୍ଯ୍ୟକ୍ଷମ ହେଲେ ଶୁକ୍ଳି ବ୍ଲକର ୧୦ଟି ପଞ୍ଚାୟତ ଓ ରରୁଆଁ ବ୍ଲକର ୯ଟି ପଞ୍ଚାୟତର ୧୬୪ଟି ଗ୍ରାମର ଅଧିବାସୀ ଉପକୃତ ହେବେ। ତେବେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଜୁବେରୀ ଇଂଜିନିୟରିଂ କର୍ପୋରେସନ ପ୍ରାଇଭେଟ ଲିମିଟେଡ୍ ନାମକ ଠିକାଦାର ସଂସ୍ଥା ହାତକୁ ନେଇଛି। ନିକଟରେ ଶିଆଳିଗୋଠାଣି ଗ୍ରାମର କଂକ୍ରିଟ ରାସ୍ତାକୁ ଖୋଳି ପାଇପ ବିଛାଇଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ତାହାକୁ ସମତୁଲ କରି ନ ଥିବାରୁ ଖାଲଖମା ସୃଷ୍ଟି ହୋଇ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ତେଣୁ ସମ୍ପୃକ୍ତ ସଂସ୍ଥା ଏହି ରାସ୍ତାକୁ ତୁରନ୍ତ ସଂପୂର୍ଣ୍ଣ କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।



## ଜାତୀୟ ରାଜପଥ ଉପରେ ସାପ୍ତାହିକ ହାଟ

# ଦୋକାନ ଓ ଗାଡ଼ି ପାର୍କିଂ ଯୋଗୁ ଲୋକେ ହନ୍ତସନ୍ତ

ରାଇରଙ୍ଗପୁର,୨୧।୨(ସମିସ)



ପଲ୍ଲୀରୁ ସହର ଯାଏ ଅଞ୍ଚଳବାସୀଙ୍କ ନିମନ୍ତେ ଦୈନିକ କିମ୍ବା ସାପ୍ତାହିକ ହାଟ ବସିଥାଏ। ଯେଉଁଠାରୁ ଲୋକେନ ନିଜ ଆବଶ୍ୟକୀୟ ପନିପରିବା ଏବଂ ଅନ୍ୟାନ୍ୟ ସାମଗ୍ରୀ କଣିପାରିବେ। ଏପରିକି ହାଟ ବସିବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟ ନିର୍ଦ୍ଧାରଣ କରାଯାଇଥାଏ। ତେବେ ରାଇରଙ୍ଗପୁର ପୌର ପରିଷଦ ଅଞ୍ଚଳରେ ସାପ୍ତାହିକ ହାଟ ପରିଚାଳନା ପ୍ରଶାସନ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଥାଏ। କାରଣ ପୌର ପ୍ରଶାସନକୁ ସେଥିରୁ ରାଜସ୍ୱ ମିଳିଥାଏ। ସୂଚନା ଅନୁସାରେ, ରାଇରଙ୍ଗପୁର ପୌର ପରିଷଦ ଅଞ୍ଚଳ ମହୁଲଡିହାଠାରେ ସାପ୍ତାହିକ ହାଟ ପ୍ରତି ଶୁକ୍ରବାର ଦିନ ବସିଥାଏ। ପ୍ରତିବର୍ଷ ପୌର ପ୍ରଶାସନ ଏହି ହାଟକୁ ନିଲାମ କରି ପ୍ରାୟ ଦୁଇ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରିଥାଏ। ଏହି ହାଟରେ ସହର ବ୍ୟତୀତ ଆଖପାଖ ଗ୍ରାମାଞ୍ଚଳର ଲୋକେ ଦୈନନ୍ଦିନ ଆବଶ୍ୟକ ସାମଗ୍ରୀ କିଣିବା ଉପରେ ନିର୍ଭର କରନ୍ତି; ହେଲେ ରାଇରଙ୍ଗପୁର ସହରର ସାପ୍ତାହିକ ହାଟ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ଜାତୀୟ ରାଜପଥ ଉପରେ ବସୁଛି। ସହର ମଧ୍ୟ ଦେଇଯାଇଥିବା ରାଞ୍ଚିଠାରୁ ବିଜୟବାଡ଼ା ୨୨୦ନଂ. ଜାତୀୟ ରାଜପଥ ଅତିକ୍ରମ କରିଛି। ଓଡିଶା ଓ ଝାରଖଣ୍ଡକୁ ସଂଯୋଗ କରୁଥିବା ଏହି ଜାତୀୟ ରାଜପଥ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବହନ କରେ। ଏହି ରାଜପଥରେ ଦିନରାତି ଯାତ୍ରୀବାହୀ ବସ ସହିତ ଭାରୀଯାନ ଚଳାଚଳ କରୁଛି; କିନ୍ତୁ ସାପ୍ତାହିକ ହାଟ ବସୁଥିବାରୁ ରାସ୍ତାପାଶ୍ୱର୍ ଉପରେ ଦୋକାନୀମାନେ ନିଜର ସାମଗ୍ରୀ ବିକ୍ରୟ କରନ୍ତି। ହାଟରେ ଭିଡ଼ ରହିଥିବାରୁ ଜାତୀୟ ରାଜପଥ ଖଚାଖଚ ଭିଡରେ ପରିଣତ ହୁଏ। ଫଳରେ ଯାନବାହନ ଚଳାଚଳରେ ବହୁ ଅସୁବିଧା ହୋଇଥାଏ। ପାର୍କିଂ ପାଇଁ ଷ୍ଟାଣ୍ଡ ନ ଥିବାରୁ ହାଟକୁ ଆସୁଥିବା ଲୋକେ ନିଜ ଗାଡିଗୁଡିକୁ ଜାତୀୟ ରାଜପଥ ଉପରେ ରଖୁଛନ୍ତି। ଏଥିପାଇଁ ଜାତୀୟ ରାଜପଥ ସଂକୁଚିତ ହେବା ସହିତ ଗାଡ଼ି ଚଳାଚଳରେ ବାଧାପ୍ରାପ୍ତ ହେଉଛି। ଏପରିକି ଭିଡ ଯୋଗୁ ଗତ କିଛି ମାସ ମଧ୍ୟରେ ଅନେକ ଛଟ ବଡ଼ ଦୁର୍ଘଟଣା ଘଟିଛି। ବିଶେଷକରି ହାଟଦିନ ଯଦି ଯାନ୍ତ୍ରିକ ତ୍ରୁଟିରୁ ଭରୀଯାନ ଭାରସାମ୍ୟ ହରାଏ, ତେବେ ବହୁ ଧନଜୀବନ ନଷ୍ଟ ହେବ, ତାହା ଆକଳନ କରିବା କଷ୍ଟକର। ହେଲେ ରାଇରଙ୍ଗପୁର ପୌର ପ୍ରସାଶନ ତରଫରୁ ଏ କ୍ଷେତ୍ରରେ ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରା ନ ଯିବା ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ମୁଖ୍ୟ ରାସ୍ତା ଉପରେ ପାର୍କିଂ ସମସ୍ୟା ଉପରେ ପୁଲିସ ଦେଖି ନ ଦେଖିଲା ପରି ରହୁଛି। ତେଣୁ ପୌର ପରିଷଦ ଅଞ୍ଚଳ ସାପ୍ତାହିକ ହାଟକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସାଧାରଣରେ ଦାବି ହେଉଛି।

## ପ୍ରଥମ ଦିନ ମାଟ୍ରିକ୍ ପରୀକ୍ଷା ଶାନ୍ତିଶୃଙ୍ଖଳାରେ ସରିଲା

# ୧୪୩ଟି କେନ୍ଦ୍ରରେ ପରୀକ୍ଷା ଦେଲେ ୨୩୩୧୧ ଛାତ୍ରଛାତ୍ରୀ





**କେନ୍ଦୁଝର, ୨୧।୨(ସମିସ)**

କେନ୍ଦୁଝର ଜିଲ୍ଲାରେ ଶୁକ୍ରବାରଠାରୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ୨୦୨୫ ମସିହା ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନରେ ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଛନ୍ତି ଛାତ୍ରଛାତ୍ରୀ। ଶୁକ୍ରବାର ସକାଳ ୭ଟା ୩୦ରୁ ୮ଟା ୧୫ ପର୍ଯ୍ୟନ୍ତ ଯାଞ୍ଚ ପରେ ଛାତ୍ରଛାତ୍ରୀମାନେ ଧାଡ଼ିରେ ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ। ସକାଳ ୯ ଟାରେ ପରୀକ୍ଷା ଆରମ୍ଭ ହୋଇ ୧୧ଟା ୩୦ରେ ଶେଷ ହୋଇଥିଲା। ପରୀକ୍ଷାର୍ଥୀମାନେ ପରୀକ୍ଷା ହଲରେ ବସିବା ପରେ ସେମାନଙ୍କୁ ୯ଟାରେ ପ୍ରଶ୍ନପତ୍ର ଦିଆଯାଇଥିଲା। କେନ୍ଦୁଝର ଜିଲ୍ଲାର ୧୪୩ଟି ପରୀକ୍ଷା କେନ୍ଦ୍ରରେ ୪୭୮ଟି ଉଚ୍ଚବିଦ୍ୟାଳୟର ମୋଟ ୨୪ହଜାର ୫୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଦିନ ପ୍ରଥମ ଭାଷା ଓଡିଆରେ ୨୩୩୧୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୭୪୫ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷରେ ଜିଲ୍ଲାର ୮୬ ଜଣ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ୮୩ ମଧ୍ୟମା ପରୀକ୍ଷା ଦେଇଛନ୍ତି ଏବଂ ୩ ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ୧୭୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୫୫ ଜଣ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଦେଇଥିବାବେଳେ ୧୮ ଜଣ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ୨ ଜଣ ପରୀକ୍ଷାର୍ଥୀ କପି କରି ଧରାପଡ଼ିଛନ୍ତି।

**ଆନନ୍ଦପୁର:** ଆନନ୍ଦପୁର ବ୍ଲକର ୧୫ଟି କେନ୍ଦ୍ର, ଘସିପୁରା ବ୍ଲକ ୧୧ଟି କେନ୍ଦ୍ର ଓ ହାଟଡିହୀ ବ୍ଲକର ୧୪ଟି କେନ୍ଦ୍ରରେ ୬୨୩୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଆନନ୍ଦପୁରର ବିଭିନ୍ନ କେନ୍ଦ୍ରରେ ୨୬ ଜଣ ଓ ଘସିପୁରା ବ୍ଲକର ବିଭିନ୍ନ କେନ୍ଦ୍ରରେ ୫୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ ଫକୀରପୁର, ଶାଳବଣୀ, କୋଡପଡା ଓ ବେଲବାହାଳି ପରୀକ୍ଷା କେନ୍ଦ୍ରରେ ୪ଜଣ ଦୃଷ୍ଟିବାଧିତ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ଜଣାଯାଇଛି। ଆନନ୍ଦପୁର ବଳଭଦ୍ର ନାରାୟଣ ଉଚ୍ଚବିଦ୍ୟାଳୟ ଶାଳବଣୀ ଓ ଶାଳପଡା କ୍ଷେତ୍ରମୋହନ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ଏଆଇ କ୍ୟାମେରା ଲଗାଯାଇ ପରୀକ୍ଷା ପରିଚାଳନା କରାଯାଉଥିବା ଆନନ୍ଦପୁର ଶିକ୍ଷାଧିକାରୀ ଅଜିତ ବାରିକଙ୍କଠାରୁ ସୂଚନା ମିଳିଛି। କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ କେତେକ କେନ୍ଦ୍ରରେ ପ୍ରଶାସନିକ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ଶିକ୍ଷା ବିଭାଗ ପକ୍ଷରୁ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ନିୟୋଜିତ କରାଯାଇଛି। ପରୀକ୍ଷାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ବୋର୍ଡ ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସ୍କ୍ୱାଡ୍ର୍ ଟିମ୍ ପରିଦର୍ଶନ କରୁଥିବା ବେଳେ ଶିକ୍ଷାଧିକାରୀମାନେ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ତଦାରଖ କରୁଥିବା ଜଣାଯାଇଛି।

**ବାଲିବନ୍ଧ:** ଝୁମ୍ପୁରା ନୋଡାଲ କେନ୍ଦ୍ର ଅଧୀନରେ ଥିବା ୧୨ଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହୋଇଥିବା ନେଇ ନୋଡାଲ କେନ୍ଦ୍ର ଇନଚାର୍ଜ ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ମହାନ୍ତ ସୂଚନା ଦେଇଛନ୍ତି। ୧୨ଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନ ପରୀକ୍ଷାରେ ମୋଟ ୬୧ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ।

**ତୁରୁମୁଙ୍ଗା:** ପାଟଣା ମୁଖ୍ୟାଳୟସ୍ଥିତ ଜିଏନ୍ ହାଇସ୍କୁଲରେ ନୋଡାଲ ସେଣ୍ଟର ହୋଇଥିବା ବେଳେ ୧୦ଟି ପରୀକ୍ଷା କେନ୍ଦ୍ର ଏବଂ ଘଟଗାଁ ନୋଡାଲ ସେଣ୍ଟର ଅଧୀନ ତୁମୁରିଆ ଓ କେନ୍ଦୁଝର ନୋଡାଲ ସେଣ୍ଟର ଅଧୀନ ଖିରେଇଟାଙ୍ଗିରୀ ପରୀକ୍ଷାକେନ୍ଦ୍ରରେ ମୋଟ ୧୮୭୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮୧୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି।

ସେହିପରି ସାହାରପଡା ବ୍ଲକରେ ୯ଟି ପରୀକ୍ଷା କେନ୍ଦ୍ରରେ ୧୪୨୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୭୦ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପାଟଣା, ତୁରୁମୁଙ୍ଗା, ଓ ଘଟଗାଁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

**ସୋସୋ/ହାଟଡ଼ିହୀ:** ହାଟଡିହି ବ୍ଲକର ୧୫ଟି ମେଟ୍ରିକ ପରୀକ୍ଷାକେନ୍ଦ୍ରରେ ୨୧୭୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୨୭ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ହାଟଡିହି ହାଇସ୍କୁଲଟି ନୋଡାଲ ସେଣ୍ଟର ରହିଛି। ଜିଲ୍ଲା ଫ୍ଲାଇଂ ସ୍କ୍ୱାଡ, ଏଡିଇଓ ପବିତ୍ର ମୋହନ ବାରିକ ଉପସ୍ଥିତ ରହିଥିଲେ। ହାଟଡିହି ହାଇସ୍କୁଲର ପ୍ରଧାନଶିକ୍ଷକ ପରାମାନନ୍ଦ ପରିଡା ନୋଡାଲ ସେଣ୍ଟର ଦାୟିତ୍ୱ ତୁଲାଇଥିବା ସହ ପରୀକ୍ଷା କେନ୍ଦ୍ରଗୁଡିକୁ ପ୍ରଶ୍ନପତ୍ର ପଠାଇଥିଲେ। ଏବିଇଓ ପ୍ରମୋଦ ନାୟକ ଉପସ୍ଥିତ ଥିଲେ।

**ଚମ୍ପୁଆ:** ଚମ୍ପୁଆ ବ୍ଲକର ୧୧ଟି ପରୀକ୍ଷା କେନ୍ଦ୍ରରେ ୧୭୬୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ମାତ୍ର ରିମୁଳି ପରୀକ୍ଷା କେନ୍ଦ୍ରରେ ଗୋଟିଏ ବିଦ୍ୟାଳୟର ୨୨ଜଣ ଛାତ୍ର ପରୀକ୍ଷା ଦେଇ ନଥିବା ଜଣାପଡ଼ିଛି। ଚମ୍ପୁଆ ବ୍ଲକର ୧୮୩୭ ଛାତ୍ରଛାତ୍ରୀ ମଧ୍ୟରୁ ୧୭୬୯ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬୮ଜଣ ଅନୁପସ୍ଥିତ ରହିଛନ୍ତି। ମାତ୍ର ରିମୁଳି ଉଚ୍ଚ ବିଦ୍ୟାଳୟଠାରେ ୩ଟି ବିଦ୍ୟାଳୟକୁ ନେଇ ଅନୁଷ୍ଠିତ କେନ୍ଦ୍ରରେ ୨୬ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ବେଳେ ଗୋଟିଏ ବିଦ୍ୟାଳୟର ୨୨ଜଣ ପିଲା ପରିକ୍ଷା ଦେଇ ନଥିବା ଜଣାପଡିଛି। ଏନେଇ ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ସାହୁ କହିଛନ୍ତି ଯେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅନ୍ୟତ୍ର ପରୀକ୍ଷା ପରିଚାଳନା ଦାୟିତ୍ୱ ରହିଥିବା ବେଳେ କେଉଁ କାରଣ ପାଇଁ ଉକ୍ତ ବିଦ୍ୟାଳୟର ଏତେଗୁଡାଏ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଲେ ତାହା ଏକ ଚିନ୍ତାଜନକ।



- ୨ ଜଣ କପି କରି ଧରାପଡ଼ିଲେ
- ପରୀକ୍ଷାଦେଲେ ୪ ଦୃଷ୍ଟିବାଧିତ

## ବଦଳିଲା ଛାତ୍ରଛାତ୍ରୀଙ୍କ ସ୍କୁଲ ପୋଷାକର ରଙ୍ଗ



**ହାଟଡ଼ିହୀ,୨୧।୨(ସମିସ):** ପୂର୍ବରୁ ନବମ ଓ ଦଶମ ଶ୍ରେଣୀର ସ୍କୁଲ ଛାତ୍ରଛାତ୍ରୀମାନେ ଧଳା ସାର୍ଟ ଆଉ ନୀଳ ରଙ୍ଗର ପ୍ୟାଣ୍ଟ ଓ ଫ୍ରକ ପିନ୍ଧି ବିଦ୍ୟାଳୟକୁ ଆସୁଥିଲା ବେଳେ ପୂର୍ବ ସରକାରଙ୍କ ସମୟରେ ତାହା ସବୁଜ ରଙ୍ଗକୁ ପରିବର୍ତ୍ତନ ହୋଇଥିଲା। ଏବେ ବିଜେପି ସରକାର ଆସିବାରୁ ଆଜି ହାଟଡ଼ିହୀ ବ୍ଲକରେ ହେଉଥିବା ମାଟ୍ରିକ ପରୀକ୍ଷା ସମୟରେ ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସ୍କୁଲ ୟୁନିଫର୍ମର ରଙ୍ଗ ଚକୋଲେଟ ଏବଂ ଅଳ୍ପ ବାଦାମୀ ରଙ୍ଗରେ ଦେଖିବାକୁ ମିଳିଛି। ତେବେ ସ୍କୁଲ ପରିଧାନର ରଙ୍ଗ ସରକାର ପରିବର୍ତ୍ତନ ପରେ ପରେ ଥରକୁ ଥର ପରିବର୍ତ୍ତନ ହେଉଥିବାରୁ ଏହାକୁ ନେଇ ଅନେକ ଅଭିଭାବକଙ୍କ ମନରେ ଆନନ୍ଦ ଦେଖାଦେଉଥିଲା। ଅନେକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ସ୍କୁଲ ପରିଧାନର ରଙ୍ଗ ଥରକୁ ଥର ପରିବର୍ତ୍ତନ କରା ନଯାଇ ଦୀର୍ଘବର୍ଷ ଧରି ପ୍ରଚଳିତ ହୋଇ ଆସୁଥିବା ଧଳା ସାର୍ଟ ଓ ନୀଳ ପ୍ୟାଣ୍ଟ, ଫ୍ରକର ରଙ୍ଗ ପୂର୍ବଭଳି ପ୍ରଚଳିତ କରାଯିବା ନେଇ କିଛି ଅଭିଭାବକ ଦାବି କରିଛନ୍ତି।

## ଟ୍ରାକ୍ଟର ଓଲଟି ଚାଳକ ମୃତ



**ସୋସୋ, ୨୧।୨(ସମିସ):** ହାଟଡିହି ବ୍ଲକ ସୋସୋ ପଞ୍ଚାୟତ ଭଅଁରପୁର ଗ୍ରାମର ଧରଣୀ ଧର ଜେନାଙ୍କ ପୁଅ ଅମର କୁମାର (୪୫)ଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି। ସେ ଟ୍ରାକ୍ଟର ଚାଳକ ହୋଇଥିବା ବେଳେ ଅମର ଟ୍ରାକ୍ଟରରେ ବିଲରୁ କୁଟା ଆଣିବାକୁ ଯାଇଥିବାବେଳେ ହଠାତ୍ ଓଲଟି ପଡିଥିଲା। ଫଳରେ ଅମର ଗୁରୁତର ହୋଇଭଦ୍ରକ ପରେ କଟକ ସ୍ଥାନାନ୍ତରିତ ହୋଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସୋସୋ ଥାନାରେ କୌଣସି ଅଭିଯୋଗ ହୋଇ ନଥିବାବେଳେ ଅଞ୍ଚଳରେ ଶୋକ ଖେଳିଯାଇଛି।

## ବିଭିନ୍ନ ଧାନମଣ୍ଡି ବୁଲିଲେ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି

**ହାଟଡ଼ିହୀ/ସୋସୋ, ୨୧।୨(ସମିସ):** ବିଭିନ୍ନ ସମୟରେ ଧାନ ବିକ୍ରି ନେଇ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିବା ବେଳେ ଚାଷୀମାନେ କିପରି ସହଜ ଓ ସୁବିଧା ଉପାୟରେ ଧାନ ବିକ୍ରି କରି ବିକ୍ରୟ ମୂଲ୍ୟ ପାଇପାରିବେ ସେନେଇ ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଧାନ ମଣ୍ଡି ବୁଲି ସ୍ଥିତି ପରଖିଛନ୍ତି। ଆନନ୍ଦପୁର ବିଜେପି ନେତା ଆଲୋକ ସେଠୀଙ୍କ ସମେତ ଟୁକୁନା ମହାନ୍ତ, ଶଶିକାନ୍ତ ରାଉତଙ୍କ ସମେତ ଅନ୍ୟ ବରିଷ୍ଠ କନିଷ୍ଠ ନେତୃମଣ୍ଡଳୀ ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ବଡ଼ରମ୍ପାସ, ସମଣା, ଡ଼ଅଁର, ଶାଳଣିଆ, ଓରାଳି ଆଦି ଧାନମଣ୍ଡି ଗୁଡ଼ିକ ପରିଦର୍ଶନ କରିଥିଲେ। ଧାନବିକ୍ରି ନେଇ ସମବାୟ ସମିତିର ପାରିପାର୍ଶ୍ୱିକ ଅବସ୍ଥା ବୁଲି ଦେଖିଥିଲେ। ଉପସ୍ଥିତ ଚାଷୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।

## ଅନ୍ଧାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ସୋସୋ, ୨୧।୨(ସମିସ): ହାଟଡିହି ବ୍ଲକ ପଡିଆରିପଲ୍ଲି ପଞ୍ଚାୟତ ଅନ୍ଧାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ କୁରାଡି ଘସା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନାରାୟଣଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଇଓ ଧନେଶ୍ୱର ଖଣ୍ଡେଇ, ମୁଖ୍ୟବକ୍ତା ସିଆରସିସି ରବି ନାରାୟଣ ଦାସ ମହାପାତ୍ର, ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ନାରାୟଣ ଖମାରୀ, ବିଦ୍ୟାଳୟ କମିଟି ସଭାପତି ଗଙ୍ଗାରାମ ସୁରେନ୍ ଉପସ୍ଥିତ ଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶତ୍ରୁଘନ ମହାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀଶିକ୍ଷକ ଜିତେନ୍ଦ୍ର ବେହେରା, ମାଧବାନନ୍ଦ ମଢେଇ, ନିର୍ମଳା ନାୟକ ପରିଚାଳନା କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ହାଟଡ଼ିହୀ, ୨୧।୨(ସମିସ):** ହାଟଡ଼ିହୀ ବ୍ଲକ ଜମ୍ବିରା ଗ୍ରାମର ସ୍ୱର୍ଗତ ବାଇଧର ସାହୁଙ୍କ ସହଧର୍ମିଣୀ ମାଳତୀ ସାହୁ(୮୨)ଙ୍କର ନିଜ ବାସଭବନରେ ପରଲୋକ ହୋଇଛି। ସେ ଜଣେ ଅମାୟିକା, ଧର୍ମପରାୟଣା, ପରୋପକାରୀ, ମିଷ୍ଟଭାଷୀ ଏବଂ ମେଳାପି ସ୍ୱଭାବର ମହିଳା ଥିଲେ। ମୃତ୍ୟୁ ସମୟରେ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସ୍ଥାନୀୟ ନେତୃତ୍ୱ, ସମସ୍ତ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଦେଲା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନପୁଅ ମଧୁସୂଦନ ମୁଖାଗ୍ନି ଦେଇଥିଲେ। ତାଙ୍କ ଦେହାନ୍ତରେ ସମଗ୍ର ଅଞ୍ଚଳରେ ଶୋକ ଖେଳିଯାଇଛି।

## ହାଟଡିହି ଆଞ୍ଚଳିକ ମହାବିଦ୍ୟାଳୟର ଜାତୀୟ ଶିକ୍ଷାନୀତି ସେମିନାର




**ସୋସୋ, ୨୧।୨(ସମିସ):** ହାଟଡିହି ଆଞ୍ଚଳିକ ମହାବିଦ୍ୟାଳୟର +୩ ଡିଗ୍ରୀ ଶିକ୍ଷା ବିଭାଗର ଛାତ୍ରଛାତ୍ରୀଙ୍କୁ ନେଇ ଜାତୀୟ ଶିକ୍ଷାନୀତି-୨୦୨୦ ସେମିନାର ଅନୁଷ୍ଠିତ ହୋଇଛି। ଏଥିରେ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ବାଡୋର ଶିକ୍ଷା ବିଭାଗୀୟ ମୁଖ୍ୟ ଡ. ଚିତ୍ତରଂଜନ ନାୟକ, ଏଏଟିସି ଫକିରପୁରର ଆସିଷ୍ଟାଣ୍ଟ ପ୍ରଫେସର ଡ. ପ୍ରଭାତ ସାହୁ, ଧରଣୀଧର ବିଶ୍ୱବିଦ୍ୟାଳୟରୁ ଆସିଷ୍ଟାଣ୍ଟ ପ୍ରଫେସର ଡ. ଜଗନ୍ନାଥ କୁଅଁର, ଭଦ୍ରକ ସ୍ୱୟଂସାଶିତ କଲେଜ ଆସିଷ୍ଟାଣ୍ଟ ପ୍ରଫେସର ସଞ୍ଜୀବନୀ ସୁଧା ଜେନା, ହାଟଡିହି ଆଞ୍ଚଳିକ ମହାବିଦ୍ୟାଳୟର ଏଚଡିଓ ଅଜୟ ଦାସ, ଅଧ୍ୟାପିକା ଜ୍ୟୋତିରୂପା ମଲ୍ଲିକ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଂଜନ ରାଉତ, ଶିକ୍ଷାବିଭାଗର ଡେମୋନଷ୍ଟ୍ରେଟର ଗଙ୍ଗାଧର ପରିଡା ଉପସ୍ଥିତ ଥିଲେ। ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀ ଭାଗ୍ୟଲକ୍ଷ୍ମୀ ଜେନା ମତ ରଖିଥିବାବେଳେ ଯୁକ୍ତ ୩ର ଦ୍ୱିତୀୟ ବର୍ଷ ଛାତ୍ରୀ ସାଇସ୍ମିତା ପରିଡା ବିଭିନ୍ନ ପ୍ରସଙ୍ଗରେ ଆଲୋକପାତ କରିଥିଲେ।

## ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ ଆରମ୍ଭ



**ବେଲବାହାଲି, ୨୧।୨ (ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ଶ୍ରୀ ବେଲକ୍ଷତ୍ରଠାରେ ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଆଜିଠାରୁ ଆରମ୍ଭ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ କ୍ଷୀରୋଦ କୁମାର ଦୀକ୍ଷିତଙ୍କ ତତ୍ତ୍ୱାବଧାନରେ ଆଜି ପ୍ରଥମ ଦିନରେ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଅଗ୍ନି ସଂସ୍କାର, ଆଳତି ଓ ପୁଷ୍ପାଞ୍ଜଳି ଭଳି ପୂଜା କାର୍ଯ୍ୟକ୍ରମ ରହିଛି। ଏଥିସହିତ ପ୍ରଭୁ ଶ୍ରୀଗଣେଶ, ମା' ଲକ୍ଷ୍ମୀ, ମା' ବିମଳା, ମହାଦେବ ଓ ଶ୍ରୀରାମଙ୍କର ବାର୍ଷିକ ଉତ୍ସବ ୨୨ରୁ ଆରମ୍ଭ ହୋଇ ୨୪ରେ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଶେଷ ହେବ। ମନ୍ଦିରର ସଭାପତି ସାରଙ୍ଗଧର ସାହୁ, ସମ୍ପାଦକ ପଞ୍ଚାନନ ସାହୁଙ୍କ ତତ୍ତ୍ୱାବଧାନରେ ଉତ୍ସବକୁ ଅଧିକ ଆକୃଷ୍ଟ କରିବା ପାଇଁ ପ୍ରତିଦିନ ସନ୍ଧ୍ୟାରେ ବୀଣାପାଣି କଳାନିକେତନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ବିପିନି ବିହାରୀ ସାମଲଙ୍କ ପ୍ରବଚନ, ଓଡିଶୀ ନୃତ୍ୟ, ଢେମେସା ଓ ସମ୍ବଲପୁରୀ ନୃତ୍ୟ ଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ମନ୍ଦିର କମିଟିର ସଦସ୍ୟ ନାରାୟଣ ସାହୁ, ଗଣେଶ୍ୱର ସାହୁ, ଅରୁଣ ସାହୁ, ଶରତ ସାହୁ, ସୁଦାମ ସାହୁ, ବାବୁଲି ସାହୁ, ଈଶ୍ୱର ସାହୁ, ତପନ ସାହୁଙ୍କ ସମେତ କମିଟିର ଉପଦେଷ୍ଟା ବଟକୃଷ୍ଣ ନାଥ, ଗୋବର୍ଦ୍ଧନ ଦାସ, ଶୁକଦେବ ସାହୁ, ଅନାଥ ସାହୁ, ଆନନ୍ଦ ସାହୁ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

## ଧନୁର୍ଜୟପୁର ଉଚ୍ଚବିଦ୍ୟାଳୟର ଗୃହ ଏବେ ଅଦରକାରୀ

# ଅସାମାଜିକଙ୍କ ଆଡ୍ଡାସ୍ଥଳୀ; ପ୍ରଶାସନର ପଡୁନି ଦୃଷ୍ଟି




**ସୋସୋ,୨୧।୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ବହୁ ବିଦ୍ୟାଳୟ ମିଶ୍ରଣ ପରେ କୋଠାଗୃହ ଓ ପରିବେଶ ନଷ୍ଟ ହେବାରେ ଲାଗିଛି। ଏହା ଏବେ ଅସାମାଜିକଙ୍କ ଆଡାସ୍ଥଳୀ ପାଲଟିଛି। କିଛି ସ୍ଥାନରେ ବହୁ ପକ୍କାଗୃହ ମଧ୍ୟ ବ୍ୟବହାର କରାଯାଉ ନଥିବାରୁ ତାହା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି ଏବଂ ରକ୍ଷଣାବେକ୍ଷଣ ହେଉ ନଥିବାରୁ ଅଦରକାରୀ ହୋଇ ପଡ଼ି ମାଟିରେ ମିଶିବାକୁ ଯାଉଛି। ଧନୁର୍ଜୟପୁର ଉତ୍ତୀର୍ଣ୍ଣ ଉଚ୍ଚବିଦ୍ୟାଳୟର ପୁରାତନ କୋଠାଟି ଏବେ ଏପରି ଅବସ୍ଥାରେ ଗତି କରୁଛି। ଏହି ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏହି ବିଦ୍ୟାଳୟ ପାଇଁ ନୂତନ ପକ୍କାଗୃହ ଭିତ୍ତିଭୂମି ହେବାପରେ ବିଦ୍ୟାଳୟଟି ନୂତନ ଗୃହକୁ ସ୍ଥାନାନ୍ତର ହୋଇଛି। ପୁରୁଣା ବିଦ୍ୟାଳୟର ଥିବା ଶ୍ରେଣୀଗୃହଗୁଡିକ ଏବେ ଅଦରକାରୀ ହୋଇ ପଡିଛି। ସେହି ଗୃହଗୁଡିକର କବାଟ ଝରକା, ଆଜବେଷ୍ଟସ ଓ ଟିଣ ଛପର ଚୋରି ହୋଇ ଯାଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହିତ ଏଭଳି ପୁରୁଣା ବିଦ୍ୟାଳୟଗୁଡିକ ସମ୍ପତ୍ତି, ଜମିଜମା ଓ ଗୃହକୁ ସୁରକ୍ଷିତ ରଖି ନିଜ ନିୟନ୍ତ୍ରଣରେ ରଖିବାକୁ ଦାବି ହୋଇଛି। ପ୍ରଶାସନ ଏଥିପ୍ରତି ପଦକ୍ଷେପ ନେବାର ଆବଶ୍ୟକ ରହିଛି ବୋଲି କୁହାଯାଉଛି।

ସକାଳ THE SAKALA



www.sakalaepaper.com

# ଖସିଲା ଅଙ୍ଗନବାଡ଼ିର କଂକ୍ରିଟ ତାଜା; ବର୍ତ୍ତିଲେ ଶିଶୁ

କେନ୍ଦୁଝର,୨୧।୨(ସମିସ)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରସିଂହପୁର ଅଙ୍ଗନବାଡି ତାଜା ଖସି ସିମେଣ୍ଟ ଖଣ୍ଡ ତଳେ ଖସି ପଡିଛି। ଆଜି ସକାଳ ସାଢେ ୯ଟା ବେଳେ ପାଚିକା ଲିଳମଣୀ ମହାକୁଡ ସଫାସୁତୁରା କରୁଥିବାବେଳେ ଉପରୁ ସିମେଣ୍ଟ ଖଣ୍ଡ ପଡି ଲୁହାଛଡ ଦିସୁଛି। ସେତେବେଳେ ଶିଶୁମାନେ ଅଙ୍ଗନବାଡିକୁ ଆସି ନଥିବାରୁ ଅଳ୍ପକେ ବିପଦମୁହଁରୁ ବର୍ତ୍ତି ଯାଇଥିଲେ। ୧୯୯୯ ମସିହାଠାରୁ ଏହି ଅଙ୍ଗନବାଡି ନିର୍ମାଣ ହୋଇଛି। ଆଜକୁ ୨୫ବର୍ଷ ହେଲାଣି ଘର ଚଟାଣ ଭାଙ୍ଗି ରୁଜି ଯାଇଥିବାବେଳେ ଛାତ ଏବଂ ଚଟାଣ ଫାଟିବା ସହିତ ତାଜା କାନ୍ଥ ଭାଙ୍ଗି ବିପଦ ସଂକୁଳ ଅବସ୍ଥାରେ ରହିଥିଲା। ଏହି



ମମତା ଗୃହରେ ଚାଲିଛି ଶିକ୍ଷାଦାନ

ସମସ୍ୟା ବିଷୟରେ ଅଙ୍ଗନବାଡି କର୍ମୀ ଶକୁନ୍ତଳା ମୁଣ୍ଡାଙ୍କୁ ପଚାରିବାରୁ ନୂତନ ଗୃହ ନିର୍ମାଣ କରିବା ପାଇଁ ଅଭିଯୋଗ କରିଛୁ। ମାତ୍ର ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ପିଲାମାନଙ୍କ ପ୍ରତି ବିପଦ ରହିଥିବା ଅଭିଯୋଗ କରିଥିଲେ। ଆଜି ତାଜା ଖସିବା ପରେ ୩୮ ଜଣ ଶିଶୁ ନିକଟରେ ଥିବା ମମତା ଗୃହରେ ଜକାଜକି ହୋଇ ପାଠ ପଢୁଛନ୍ତି। ଏହାଛଡା ପିଲାମାନଙ୍କ ସୁରକ୍ଷା ପାଇଁ ପାଚେରି ନିର୍ମାଣ କରାଯାଇନାହିଁ। ବିଦ୍ୟାଳୟ ସମ୍ମୁଖରେ ଅଳ୍ପ ତାର ବାଡ ଦିଆଯାଇଥିବାରୁ କୁକୁର ଗାଈ ଛେଳି ପଶୁ ପକ୍ଷୀ ଭିତରକୁ ପ୍ରବେଶ କରୁଛନ୍ତି। ଅଙ୍ଗନବାଡି ଏବଂ ପ୍ରାଥମିକ ବିଦ୍ୟାଳୟଦ୍ୱୟ ଲାଗି ରହିଥିବାବେଳେ ଉଭୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପ୍ରତି ବିପଦ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ନୂତନ ଅଙ୍ଗନବାଡି ଗୃହ ନିର୍ମାଣ ସହିତ ପାଚେରି ନିର୍ମାଣ କରିବାକୁ ଦାବି ହୋଇଛି। ଏହି ସମସ୍ୟା ସମ୍ପର୍କରେ ସଦର ବିଡିଓ ବିନୋଦ ବିହାରୀ ପଣ୍ଡା କହିଛନ୍ତି, ସିଡିପିଓଙ୍କୁ ଲିଖିତ ଅଭିଯୋଗ କଲେ ପଦକ୍ଷେପ ନିଆଯିବ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମୀତା ନାଏକଙ୍କ ପ୍ରତିକ୍ରିୟା ନେବାପରେ ସେ ଅନ୍ୟତ୍ର ଅଙ୍ଗନବାଡି ସଂଲଗ୍ନ କରି ନୂତନ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ କହିଛନ୍ତି।

## ଚମ୍ପୁଆ ବଜାର ଫ୍ଲାଏଓଭରକୁ ବିରୋଧ



ଚମ୍ପୁଆ, ୨୧।୨(ସମିସ): ଚମ୍ପୁଆ ବଜାର ମଧ୍ୟରେ ଜାତୀୟରାଜପଥ ପକ୍ଷରୁ ଫ୍ଲାଏ ଓଭରବ୍ରିଜକୁ ବିରୋଧ କରିବା ସହ ବାଇପାସ ନିର୍ମାଣ ଦାବିରେ ଧରଣୀଧର ଟାଉନହଲଠାରେ ବିଭିନ୍ନ ସଂଗଠନ, ବଜାରକମିଟି ସହ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଜାରକମିଟି ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ପ୍ରାୟ ୧୦ ସଂଗଠନର ଶତାଧିକ ପ୍ରମୁଖ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଚମ୍ପୁଆ ବଜାର ମଧ୍ୟରେ ଓଭରବ୍ରିଜ ନିର୍ମାଣ କରାଗଲେ ସ୍ଥାନୀୟ ବ୍ୟବସାୟୀ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ କ୍ଷତିଗ୍ରସ୍ତ ହେବା ସହ ପୁରାତନ କୀର୍ତ୍ତିରାଜି ନଷ୍ଟ ହେବାର ସମ୍ଭାବନା ରହିଛି। ଦୀର୍ଘଦିନରୁ ଏହାକୁ ବିରୋଧ କରାହୋଇଆସୁଥିବା ବେଳେ ବାଇପାସ ନିର୍ମାଣ ପାଇଁ ଦାବି ହୋଇଆସୁଥିଲା। ଚମ୍ପୁଆ ଦେଇ ଯାଇଥିବା ଜାତୀୟରାଜପଥ ୨୦ ନଂକୁ ସଂପ୍ରସାରଣ କରାଗଲେ ତଥା ଫ୍ଲାଏ ଓଭରବ୍ରିଜ ନିର୍ମାଣ କରାଗଲେ ଚମ୍ପୁଆବସୀଙ୍କ ଜୀବନଜୀବିକା ପ୍ରଭାବିତ ହେବା ସହ ଚମ୍ପୁଆ ବଜାର ତାର ଅସ୍ତିତ୍ୱ ହଜାଇ ବସିବ ବୋଲି ବୈଠକରେ ଆଲୋଚନା ହୋଇଛି। ବାଇପାସ ନିର୍ମାଣ ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସଡକ ପରିବହନ ବିଭାଗ ମନ୍ତ୍ରୀ, କେନ୍ଦୁଝର ସାଂସଦ, ଚମ୍ପୁଆ ବିଧାୟକଙ୍କୁ ଓ ବିଭିନ୍ନ ବିଭାଗକୁ ଲିଖିତ ଅଭିଯୋଗ କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାଯାଇଛି।

## କଳିଙ୍ଗାରେ ମାଗେ ପରବ ଉଦ୍‌ଯାପିତ



ଝୁମ୍ପୁରା, ୨୧।୨(ସମିସ): ଝୁମ୍ପୁରାବ୍ଲକ ଚଉଠିଆ ପଞ୍ଚାୟତ କଳିଙ୍ଗା ଗ୍ରାମରେ ଟାଟାଷ୍ଟିଲ ଓ ଜିନ୍ଦଲ ସହଯୋଗରେ ଧବଳେଶ୍ୱର ହୋ ସମାଜ ତରଫରୁ ତିନିଦିନିଆ ବ୍ଲକସ୍ତରୀୟ ମାଗେ ପରବ ଉଦଯାପିତ ହୋଇଯାଇଛି। ପ୍ରଥମେ ବିର୍ଶା ମୁଣ୍ଡା ଓ ଲଲାକ ମୁଣ୍ଡାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପରେ ଆନାବେରେ, ଗାଉଓର, ଓତେଇସି, ହୋସାରକାମ, ମାଘେ ଗୁରିଆ, ମାଘେ ମାରାଙ୍ଗ, ମାଘେବାସୀ, ହରାବାଗିଆ ଆଦିକୁ ପୂଜା କରାଯାଇଥିଲା। ଦେବାଦେବୀଙ୍କୁ ପୂଜା ସହ ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଦିବାସୀ ହୋ ସମାଜର କେନ୍ଦୁଝର ଜିଲ୍ଲା ସଭାପତି ଗୌରଚନ୍ଦ୍ର ମୁଣ୍ଡା, ସମ୍ମାନିତ ଅତିଥିଭାବେ ପର୍ଶୁରାମ ମୁଣ୍ଡା ଓ ସମାଜସେବୀ ଗୁରୁଚରଣ ଚାତର, ଅନ୍ୟତମ ଅତିଥିଭାବେ ପାଟଣା ବିଧାୟକ ପ୍ରତିନିଧି ଚିନ୍ତାମଣି ମହାନ୍ତ, ପରବାସୀୟା ନାଏକ, ମାଗୁଣୀ ମହାନ୍ତ, ବନବିହାରୀ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସଦସ୍ୟ ସୁକଲାଲ ମୁଣ୍ଡା, ଦିବାକର ମୁଣ୍ଡା, ଗୋପ ମୁଣ୍ଡା, ଗଙ୍ଗା ମୁଣ୍ଡା, ମଟାଇ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମାଟ୍ରିକ୍ ମେଧାବୃତ୍ତି ପ୍ରଦାନ




କେନ୍ଦୁଝର, ୨୧।୨(ସମିସ): ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସଂସ୍କୃତି ଓ କ୍ରୀଡ଼ାର ବିକାଶ ପାଇଁ ସବୁବେଳେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ପ୍ରତିଶ୍ରୁତିବଦ୍ଧ। ଏହିକ୍ରମରେ ଜେଏସପିର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପାରିପାର୍ଶ୍ୱିକ ଅଞ୍ଚଳର ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଟ୍ରିକ ବୃତ୍ତି ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି। ୨୦୨୪ ମାଟ୍ରିକ ପରୀକ୍ଷାରେ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅଭିଭାବକଙ୍କ ଉପସ୍ଥିତିରେ ଏହି ବୃତ୍ତି ପ୍ରଦାନ କରାଯାଇଛି।

ଜନଜୀବିକା କେନ୍ଦ୍ରରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମ୍ମାନିତଅତିଥି ଭାବେ ଦେଓଝର ସରପଞ୍ଚ ଧ୍ରୁବଚରଣ ନାଏକ, ଦେଓଝର ପଞ୍ଚାୟତ ସମିତିସଭ୍ୟ ଲକ୍ଷ୍ମୀ ମୁଣ୍ଡା, ଜେଏସପିର ଏଚଆର ଏଣ୍ଡ ଇଏସ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି, ବଡ଼ବିଲ ୟୁନିଟର ସିଏସଆର ମୁଖ୍ୟ ଭର୍ଜିଲ ଲାକ୍ରା ପ୍ରମୁଖ ଯୋଗଦେଇଥିଲେ। ଶ୍ରୀମହାନ୍ତିତାଙ୍କଅଭିଭାଷଣରେକହିଥିଲେଯେ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷା ସହ ଉତ୍ତମ ସଂସ୍କାର ମଧ୍ୟ ଦରକାର। ମୋବାଇଲ ଫୋନର ଅଯଥା ବ୍ୟବହାରରୁ ନିଜକୁ ଦୂରେଇ ରଖିବା ପାଇଁ ଶ୍ରୀ ମହାନ୍ତି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଦେଓଝରସ୍ଥିତ ଧବେଳେଶ୍ୱର ଉଚ୍ଚମାଧ୍ୟମିକ ସ୍କୁଲର ପ୍ରଧାନଶିକ୍ଷକ ବିଜୟ ନାୟକ, ବିଲେଇପଦା ହାଇସ୍କୁଲର ପ୍ରଧାନଶିକ୍ଷକ ପରେଶଚନ୍ଦ୍ର ପ୍ରଧାନ, କଣ୍ଡ୍ରା ସ୍ଥିତ ବାସୁଦେବପୁର କନ୍ୟାଶ୍ରମର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାଏକ ଉପସ୍ଥିତ ଥିଲେ।

## କର୍ମଚାରୀଙ୍କ ଆନ୍ଦୋଳନ ୨୪ ଦିନରେ; ଶିକ୍ଷା ବିଭାଗରେ ଅଚଳାବସ୍ଥା

ଆନନ୍ଦପୁର, ୨୧।୨(ସମିସ): ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ସପୋର୍ଟ ଷ୍ଟାଫ୍ ଏବଂ ଏମ୍‌ଆଇଏସ କମ ପ୍ଲାନିଙ୍ଗ କୋଓର୍ଡିନେଟରଙ୍କ ଆନ୍ଦୋଳନ ଯୋଗୁଁ କାର୍ଯ୍ୟାଳୟରେ ଗୁରୁତର ବାଧା ସୃଷ୍ଟି ହୋଇଛି। ଗତ ଜାନୁୟାରୀ ୨୯ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନରେ ଆନନ୍ଦପୁର, ଘସିପୁରା ଓ ହାଟଡିହୀ ଶିକ୍ଷା କାର୍ଯ୍ୟାଳୟର ୧୧ ଜଣ କର୍ମଚାରୀ ସାମିଲ ହୋଇଛନ୍ତି। ଏହି ଆନ୍ଦୋଳନ



୨୪ ଦିନରେ ପହଞ୍ଚିଥିଲେ ମଧ୍ୟ ସରକାର କର୍ମଚାରୀମାନଙ୍କ ଦାବି ପୂରଣ କରୁ ନଥିବା କିମ୍ବା ସମସ୍ୟାର ସମାଧାନ କରୁ ନଥିବାରୁ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଛି। ୨୦୨୪-୨୫ ଶିକ୍ଷା ବର୍ଷର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟରେ କର୍ମଚାରୀମାନଙ୍କ ଆନ୍ଦୋଳନ ଯୋଗୁଁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବିଭିନ୍ନ ସରକାରୀ କାର୍ଯ୍ୟ ବ୍ୟାହତ ହୋଇଛି। ଏହି କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ, ୟୁଡାଇସରେ ସଂଶୋଧନ ଓ ସମାପ୍ତି ସୂଚକ ଆବେଦନ ପ୍ରସ୍ତୁତି ତଥା ଅନ୍ୟ ପ୍ରଶାସନିକ କାର୍ଯ୍ୟ ଏହି ଆନ୍ଦୋଳନ ଯୋଗୁଁ ବ୍ୟାହତ ହୋଇଛି। ସମଗ୍ର ଶିକ୍ଷା ଅଭିଯାନ ସଫଳ ରୂପାୟନରେ ସଂଯୋଜକ ଓ ହିସାବ ରକ୍ଷକଙ୍କର ଦାୟିତ୍ୱ ରହୁଥିବାରୁ ଯଥାଶୀଘ୍ର ଏହି ଆନ୍ଦୋଳନ ପ୍ରତ୍ୟାହାର ଦିଗରେ ସରକାର ତ୍ୱରିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ସାଇଁକୁଳ ପତିତପାବନ କଲେଜ ଛାତରେ ଜମୁଛି ବର୍ଷାଜଳ

ରାମଚନ୍ଦ୍ରପୁର,୨୧।୨(ସମିସ): ଘଷିପୁରା ବ୍ଲକ ସାଇଁକୁଳସ୍ଥିତ ପତିତପାବନ କଲେଜ ପରିସରରେ ତିନି ମାସ ତଳେ ନୂତନ ଶ୍ରେଣୀଗୃହ ଏବଂ ଛାତ୍ରୀ ନିବାସ ନିର୍ମାଣ ହୋଇଥିଲା। ଏହା ଗ୍ରାମ୍ୟ ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ହୋଇଥିବା ବେଳେ ପାଞ୍ଚ କୋଟିରୁ ଅଧିକ ଟଙ୍କା ବିନିଯୋଗ ହୋଇଥିବା ଜଣାପଡ଼ିଛି। ଗୃହଗୁଡ଼ିକ



ନିମ୍ନମାନର ହୋଇଥିବାରୁ ଦୁଇଟି ଯାକ ଗୃହର ଛାତ ଉପରେ ବର୍ଷା ପାଣି ଜମୁଛି। ଅଞ୍ଚଳବାସୀଙ୍କ ଅକ୍ଳାନ୍ତ ସହଯୋଗରେ ମହାବିଦ୍ୟାଳୟଟି ନିର୍ମିତ ହୋଇଥିବା ବେଳେ ନୂତନ ଶ୍ରେଣୀଗୃହ ନିର୍ମାଣରେ ଏଭଳି ନିମ୍ନମାନର କାର୍ଯ୍ୟକୁ ନେଇ ଅଭିଭାବକ ଏବଂ ବୁଦ୍ଧିଜୀବୀଙ୍କ ମହଲରେ ଉଦବେଗ ପ୍ରକାଶ ପାଇଛି।

## ବାଇକ୍ ଆରୋହୀ ଗୁରୁତର

ତୁରୁମୁଙ୍ଗା, ୨୧।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ କେନ୍ଦୁଝର ପାଟଣା ରାସ୍ତାର ପୁଟୁଳିଆ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ବାଇକ ଭରସାମ୍ୟ ହରାଇ ବଳଦକୁ ଧକ୍କା ଦେବା ଫଳରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ବଡ଼ପାଟଣା ଗ୍ରାମର ନନ୍ଦ କିଶୋର ନାଏକ(୩୫)। ତାଙ୍କୁ ଗୁରୁତର ଅବସ୍ଥାରେ ପାଟଣା ଅଗ୍ନିଶମ ବାହିନୀ ଉଦ୍ଧାର କରି ପ୍ରଥମେ ପାଟଣା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଦଶମ ଶ୍ରେଣୀ ଛାତ୍ରୀଙ୍କୁ ମିଳିନି ପୋଷାକ

ଆନନ୍ଦପୁର, ୨୧।୨(ସମିସ): ଚଳିତ ଶିକ୍ଷାବର୍ଷରେ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପୋଷାକ ଯୋଗାଇଦେବା ପାଇଁ ଆବଶ୍ୟକ ସରକାରୀ ଅନୁଦାନ ଯୋଗାଇ ଦିଆଯାଇଥିଲେ ମଧ୍ୟ ଆନନ୍ଦପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିଲେ ମଧ୍ୟ ଦଶମ ଶ୍ରେଣୀର ଛାତ୍ରୀମାନେ ନୂଆ ପୋଷାକ ପରିବର୍ତ୍ତେ ପୁରୁଣା ପୋଷାକରେ ପରୀକ୍ଷା ଦେବାକୁ ଯାଇଥିବା ପରିଲକ୍ଷିତ ହୋଇଛି। ତେବେ ମାଟ୍ରିକ୍ ପରୀକ୍ଷା ପୂର୍ବରୁ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ଡ୍ରେସ୍ ବାବଦକୁ ପାଣ୍ଠିର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ କେତେକ ବିଦ୍ୟାଳୟରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ପକ୍ଷରୁ ପୋଷାକ ବ୍ୟବସ୍ଥା ହୋଇ ନଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀମାନଙ୍କୁ ଡ୍ରେସ୍ ଦିଆଯାଇ ନଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏନେଇ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଦ୍ୟାଳୟଗୁଡିକୁ ଆବଶ୍ୟକ ଅର୍ଥ ଦିଆଯାଇଥିବା ପ୍ରକାଶ କରିଛନ୍ତି। ତେବେ, ଏହି ଅର୍ଥରେ ଛାତ୍ରୀମାନଙ୍କୁ ପୋଷାକ ଦିଆଯାଇ ନଥିବା ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ନିରାକରଣ ସଚେତନତା

କେନ୍ଦୁଝର, ୨୧।୨(ସମିସ): ସଦର ରେଞ୍ଜ ନରଣପୁର ସେକ୍ସନ ପକ୍ଷରୁ ଜଙ୍ଗଲ ନିଆଁ/ଅଗ୍ନି ନିୟନ୍ତ୍ରଣ ଓ ନିରାକରଣ ସଚେତନତା ସଭା ନରଣପୁର ହାଇସ୍କୁଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ଦୁର୍ଯ୍ୟୋଧନ ସାହୁଙ୍କ ସହ ସମ୍ମାନିତ ଅତିଥି ନରଣପୁର ଫରେଷ୍ଟର କାଳନ୍ଦି ସାମଲ, ଫରେଷ୍ଟର ରାଜେଶ୍ୱରୀ ମହାନ୍ତ, ଫରେଷ୍ଟ ଗାର୍ଡ ସ୍ୱାଗତିକା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ନରଣପୁର ହାଇସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁ, ନରଣପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱର୍ଣ୍ଣପ୍ରଭା ଚକ୍ର, ଶିକ୍ଷକ ଅସିତ ପ୍ରହରାଜ, ଶିକ୍ଷକ ବିଶ୍ୱନାଥ ସାଇନ୍ତା, କ୍ରୀଡା ଶିକ୍ଷକ ସମରଜିତ୍ ସିଂ, ଶିକ୍ଷୟିତ୍ରୀ ସୁମିତ୍ରା ମହାନ୍ତ, ମନୀଷା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବନ ସୁରକ୍ଷା ସମିତିର ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ବନ କର୍ମଚାରୀ ସାମିଲ ହୋଇଥିଲେ। ମାର୍ଚ୍ଚ ମାସଠାରୁ ଅପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଅଖଣ୍ଡ ଶିକାର ଯେପରି ଲୋକମାନେ ନ କରିବେ ସେ ଉପରେ ଲୋକମାନଙ୍କୁ ସଚେତନ କରିବାକୁ ନିଷ୍ପତ୍ତି ହୋଇଥିଲା। ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଜଙ୍ଗଲରେ ଅଗ୍ନି ନିୟନ୍ତ୍ରଣ ଉପରେ ଏକ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀ ବର୍ଷା ମୁଣ୍ଡା, ଲିଜା ସୁଲିଆ, ରୁନୁ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥି ଏବଂ ଛାତ୍ରଛାତ୍ରୀ ତଥା ଶିକ୍ଷକ/ଶିକ୍ଷୟିତ୍ରୀ ଜଙ୍ଗଲ ସୁରକ୍ଷା ପାଇଁ ଶପଥ ନେଇଥିଲେ।

## ଶ୍ରୀ ଶ୍ରୀପିମ୍ପଳେଶ୍ୱର ମହାଦେବଙ୍କ ବାର୍ଷିକ ମହୋତ୍ସବ




ଆନନ୍ଦପୁର, ୨୧।୨(ସମିସ): ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ଶାଳପଡା ରଘୁନାଥପୁର ଶାସନର ଶ୍ରୀ ଶ୍ରୀପିମ୍ପଳେଶ୍ୱର ମହାଦେବଙ୍କ ପ୍ରଥମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ ଓ ରୁଦ୍ରାଭିଷେକ କାର୍ଯ୍ୟରେ ଡ. ଗଙ୍ଗାଧର ମିଶ୍ର, ଡ. ସୁମିତ୍ରା ମିଶ୍ର କର୍ତ୍ତା ଥିବା ବେଳେ ବୀରେନ୍ଦ୍ର ପତି ଓ ତାଙ୍କ ଧର୍ମପତ୍ନୀ ରୁଦ୍ରାଭିଷେକ କାର୍ଯ୍ୟରେ ସଂକଳ୍ପରେ ବସିଥିଲେ। ସ୍ଥାନୀୟ ବୀନାପାଣି କଳା ନିକେତନ ନୃତ୍ୟାନୁଷ୍ଠାନର ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ଶିଳ୍ପୀ ସତ୍ୟପ୍ରକାଶ, ସାଗରିକା ସାହୁ, ଅଲେଖ କୁମାରଙ୍କ ଯୁଗଳବନ୍ଦୀ ନୃତ୍ୟ ଓ କୁନୁକୁନି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମନ୍ଦିରର ସଦସ୍ୟ ବରିଷ୍ଠ ଆଇନଜୀବୀ ଚିତ୍ତରଂଜନ ଦାଶ, ନିର୍ମଳ ମିଶ୍ର, ଉଦୟ ପତି, ରବୀନ୍ଦ୍ର ଦାଶ, ଜଗବନ୍ଧୁ ପତି, ପୁରନ୍ଦର ମିଶ୍ର, ପ୍ରଫୁଲ୍ଲ ପତି, ଅଶୋକ ଦାଶଙ୍କ ସହ ରଘୁନାଥପୁର ଶାସନର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

# ମାତୃଭାଷା ମନୁଷ୍ୟର ପ୍ରାଣ ସ୍ୱରୂପ

କେନ୍ଦୁଝର, ୨୧।୨(ସମିସ)

ଧରଣୀଧର ବିଶ୍ୱବିଦ୍ୟାଳୟ ତରଫରୁ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ବିଶ୍ୱ ମାତୃଭାଷା ଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ସୁଧାକର ଦାଶଙ୍କ ସଭାପତିତ୍ୱରେ ବିଭାଗର ଅଧ୍ୟାପକ ଡ. ନାଏକ ଆଲୋଚନା ରଖିଥିଲେ। ସେହିପରି ଅଧ୍ୟାପକ ଡ. ଅଜୟ ସାହୁ, ଅଧ୍ୟାପକ ଡ. ଜ୍ୟୋତିକିଶୋର ମହାନ୍ତ, ସଂସ୍କୃତ ବିଭାଗର ଅଧ୍ୟାପକ ଡ. ପଙ୍କଜ ମାହାନା ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ବିଶ୍ୱବିଦ୍ୟାଳୟ ତରଫରୁ ଅନୁଷ୍ଠିତ ହୋଇଥିବା ବିଶ୍ୱ ମାତୃଭାଷା ଦିବସ ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ ମହାନ୍ତିଙ୍କ ସଭାପତିତ୍ୱ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ମୁଖ୍ୟ ଡ. ପ୍ରଭୁପ୍ରସାଦ ଦାସ, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ସୁଧାକର ଦାଶ ମୁଖ୍ୟ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ତରଫରୁ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ସାଗରଚନ୍ଦ୍ର ବେହେରା ପ୍ରଥମ, ଅନନ୍ୟା ପ୍ରଜ୍ଞାସ୍ମିତା ତ୍ରିପାଠୀ ଦ୍ୱିତୀୟ ଓ ବର୍ଷାରାଣୀ ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଯାହାଙ୍କୁ ଉକ୍ତ ସଭାରେ କୁଳପତି ପୁରସ୍କୃତ କରିଥିଲେ। ଏହି ସଭାଟି ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଅଧ୍ୟାପକ ଓ





ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡ. ସୁମନ୍ତ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟ ପୂର୍ବତନ ଓଡ଼ିଆ ପ୍ରଧାପକ ଡ. ବିମ୍ବାଧର ବେହେରା ମାତୃଭାଷା ହିଁ ମନୁଷ୍ୟର ପ୍ରାଣ ସ୍ୱରୂପ ବୋଲି କହିବା ସହ ଓଡ଼ିଆ ଭାଷାର ଅସ୍ମିତା, ଇତିହାସ ଆଦି ବିଷୟରେ ଆଲୋକପାତ କରିଥିଲେ। ମାତୃଭାଷା ବ୍ୟତିରେକ ଅନ୍ୟ ଭାଷାରେ ମନର ଭାବକୁ ସହଜରେ ପ୍ରକାଶ କରିହୁଏ ନାହିଁ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ସଂପାଦକ ଦୀପକ ମହାକୁଳ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଅଲେଖ ମହାନ୍ତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଦ୍ୟାଳୟ ଶିଶୁଙ୍କ ମଧ୍ୟରେ ସୁଲିଖନ, ଗୀତ ଅଭିନୟ, ପ୍ରବନ୍ଧ ଲିଖନ, ବକ୍ତୃତା, କବିତା, ଗଳ୍ପକଥନ, ଶୁଦ୍ଧଲିଖନ ଆଦି ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

ସେହିପରି କଲେଜରୋଡସ୍ଥିତ ବଣିଆପାଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପରିଚାଳନା ସମିତିର ଉପସଭାପତି ହୃଦାନନ୍ଦ ପ୍ରଧାନଙ୍କ ଅଧକ୍ଷତାରେ ସଭା କାର୍ଯ୍ୟ ହୋଇଥିବା ବେଳେ ସଂପାଦକ ଭାଗୀରଥି ଗିରି ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ରଙ୍ଗାଧର ବେହେରା ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ରିତିଶା ରିତୁଶ୍ରୀ ବିଶ୍ୱାଳ, ତନ୍ମୟ ମହାନ୍ତ ଓ ଷଷ୍ଠ ଶ୍ରେଣୀର ନିହାର ମହାନ୍ତ ବକ୍ତୃତା ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ ପ୍ରାରମ୍ଭିକ ସୂଚନା ଏବଂ ସଦସ୍ୟା ମନ୍ଦାକିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଛାତ୍ରଛାତ୍ରୀ, ଆଚାର୍ଯ୍ୟଆଚାର୍ଯ୍ୟା ସହଯୋଗ କରିଥିଲେ।

**ଆନନ୍ଦପୁର:** ଆନନ୍ଦପୁର ଉପଖଣ୍ଡସ୍ଥିତ ବଳଭଦ୍ର ନାରାୟଣ ସରକାରୀ ସଂସ୍କୃତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଟୁକୁଣାଠାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ମନୋରଞ୍ଜନ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଚ୍ଚ ମାଧ୍ୟମିକ ସ୍ତରର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପୂର୍ବତନ ଅଧକ୍ଷ ଡ. ଇନ୍ଦିରା ଚକ୍ର, ବରିଷ୍ଠ ଅଧ୍ୟାପକ ଡ. ଗୋପୀନାଥ ପଣ୍ଡା, ଅଧ୍ୟାପକ ସୁଦର୍ଶନ ସାହୁ, ଡ. ଭୋଳେଶ୍ୱର ପ୍ରଧାନ, ଯଦୁମଣି ମିଶ୍ର ଓ ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡିଆ, ଅସ୍ମିତା ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡିଆ କବିତା ପଠନ, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ଅମିତ ଜେନା, ରାହୁଲ ଜେନା, ସାଲୁ ପେରେଇ, ରାଜା ଜେନା, ଲିକୁନ ଜେନା, ଦୀପକ ଜେନା, ମୋନାଲିସା ଦେହୁରୀ, ଶୁଚିସ୍ମିତା ଦେହୁରୀ, ମୋନାଲିସା ମହାନ୍ତ, ପ୍ରୀତିରାଣୀ ଦାସ ସହଯୋଗ କରିଥିଲେ।

**ତୁରୁମୁଙ୍ଗା:** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅନ୍ତର୍ଗତ ଯମୁନାପଶି ଗ୍ରାମପଞ୍ଚାୟତର କୋଡ଼ଖମଣ ପୁରୁଣାସାହିଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମାତୃଭାଷା ଦିବସ ପାଳନ ଦିବସ ଅବସରରେ "କାହାଣୀ ଶୁଣିବା ଓ କହିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଜୁନିୟର୍ ଓ ସିନିୟର୍ ଦୁଇଟି ଗ୍ରୁପରେ ଭାଗକରି କାହାଣୀ ପ୍ରତିଯୋଗିତା କରାଯାଇଥିଲା। ଜୁନିୟର୍ ଗ୍ରୁପରେ ମଧୁସ୍ମିତା ନାୟକ, ସ୍ମୃତି ପ୍ରିୟଦର୍ଶିନୀ ମହାନ୍ତ, ବବଲି ମହାନ୍ତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିୟର୍ ଗ୍ରୁପରେ ପୁଷ୍ପଲତା ମହାନ୍ତ, ରୋହିତ ସର୍ଦ୍ଦାର, ସ୍ମିତା ସରିତା ମହାନ୍ତ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମାଜସେବୀ ଖଗେଶ୍ୱର ମହାନ୍ତ ଓ ପ୍ରମିଳା ମହାନ୍ତ ଛାତ୍ରଛାତ୍ରୀମାନଙ୍କୁ କାହାଣୀ ଶୁଣାଇ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନଶିକ୍ଷକ ଚନ୍ଦ୍ରମଣି ମିଶ୍ର ଏବଂ ସହକାରୀ ଶିକ୍ଷକ ହେମନ୍ତ ମହାନ୍ତ ସହଯୋଗ କରିଥିଲେ।

